ବର୍ଷ-୨୬, ସଂଖ୍ୟା-୧୨୭
ଭୁବନେଶ୍ୱର
୧୧, ମଇ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 127
Bhubaneswar
11 May, 2026 Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ବଡ ଆହ୍ୱାନ

## ପେଟ୍ରୋଲ୍ ଓ ଡିଜେଲ୍ ବ୍ୟବହାର କମ୍ କର, ବର୍ଷେ ପର୍ଯ୍ୟନ୍ତ ସୁନା ଗହଣା କିଣନି

ନୂଆଦିଲ୍ଲୀ, ୧୦।୫(ମହାଭାରତ): ଦେଶବାସୀଙ୍କୁ ବଡ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପେଟ୍ରୋଲ ଓ ଡିଜେଲ ଦରରେ ଅହେତୁକ ବୃଦ୍ଧି ଆଶଙ୍କା ଦେଖାଦେଇଥିବା ବେଳେ ଦେଶବାସୀଙ୍କୁ ଏକତ୍ରିତ ହେବାକୁ ଅପିଲ୍ କରିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ଦେଶପ୍ରେମ କେବଳ ଦେଶ ପାଇଁ ମରିବା ନୁହେଁ, ଦେଶ ପାଇଁ ବଞ୍ଚିବା।

ଅଧିକ ବିଦେଶ ଯାତ୍ରାରୁ ନିବୃତ୍ତ ରହିବାକୁ ମୋଦି ପରାମର୍ଶ ଦେଇଛନ୍ତି। ବର୍ଷ ? ପର୍ଯ୍ୟନ୍ତ ସୁନା ଗହଣା ନ କିଣିବାକୁ ମୋଦିଙ୍କ ଆହ୍ୱାନ ଦେଇଛନ୍ତି। ଏମିତିକି ପାରିବାରିକ ଉତ୍ସବରେ ସୁନା ନ କିଣିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ।

ସେ କହିଛନ୍ତି, ରାସାୟନିକ ସାର ବ୍ୟବହାର ନ କରି ଜୈବିକ ପଦ୍ଧତିରେ ଚାଷ କରନ୍ତୁ। ଖାଦ୍ୟରେ ତେଲ ବ୍ୟବହାର ହ୍ରାସ କରନ୍ତୁ। ପେଟ୍ରୋଲ୍ ଓ ଡିଜେଲ୍ ବ୍ୟବହାର କମ୍ କରନ୍ତୁ। ଋଠ ଯାନ ବ୍ୟବହାର କରନ୍ତୁ। ସର୍ବସାଧାରଣ ପରିବହନ ବ୍ୟବସ୍ଥାକୁ ଆପଣାଇବାକୁ ହେବ। ଜରୁରୀ ନଥିଲେ ଅଫିସ୍ ନ ଯାଇ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛନ୍ତି ମୋଦି। ସେ କହିଛନ୍ତି, କରୋନା କାଳରେ ଆମେ 'ୱର୍କ ଫ୍ରମ୍ ହୋମ୍' (ଘରୁ କାମ କରିବା), ଅନଲାଇନ୍ ମିଟିଂ, ଭିଡିଓ କନଫରେନ୍ସ ଭଳି ଅନେକ ବ୍ୟବସ୍ଥା ଆପଣେଇଥିଲୁ ଏବଂ ବିକଶିତ



କରିଥିଲୁ। ଆମେ ସେଗୁଡ଼ିକରେ ଅଭ୍ୟସ୍ତ ମଧ୍ୟ ହୋଇଯାଇଥିଲୁ। ସିଧାସଳଖ ଭାବେ ଦର ବୃଦ୍ଧି ବିଷୟରେ ଘୋଷଣା ନକରି, ପ୍ରଧାନମନ୍ତ୍ରୀ ମୋଦୀ ବାରମ୍ବାର ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମାଇବା ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ହେଉଛି। ମୋଦି କହିଛନ୍ତି,ସାରା ବିଶ୍ୱରେ ପେଟ୍ରୋଲ-ଡିଜେଲ ବହୁତ ମହଙ୍ଗା ହୋଇଯାଇଛି। ପେଟ୍ରୋଲ-ଡିଜେଲ ସଂରକ୍ଷଣ କରି ଏହାକୁ କିଣିବାରେ ଖର୍ଚ୍ଚ ହେଉଥିବା ବୈଦେଶିକ ମୁଦ୍ରାକୁ ବଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ।ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱର ଯୋଗାଣ ଶୃଙ୍ଖଳାରେ ବାଧା , ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଅର୍ଥନୈତିକ ଅନିଶ୍ଚିତତା ଭଳି ସମସ୍ୟାର ଏକ ଚିତ୍ର ଉପସ୍ଥାପନ କରିବା ସହ ଇନ୍ଧନ ସଂରକ୍ଷଣକୁ ଏକ ଜାତୀୟ ଦାୟିତ୍ୱ ଭାବରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରବଳ କ୍ଷତି ସହୁଥିବାରୁ, ମେ ୧୫ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ହେବାର ସମ୍ଭାବନା ରହିଛି।

ଏହାପୂର୍ବରୁ କର୍ଣ୍ଣାଟକାର ରାଜଧାନୀ ବେଙ୍ଗଲୁରୁରେ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କଲା ବେଳେ ପ୍ରଧାନମନ୍ତ୍ରୀ କଂଗ୍ରେସର ପ୍ରକୃତି 'ପରଜୀବୀ' ଭଳି ବୋଲି କହିଥିଲେ। ତା'ସହିତ କଂଗ୍ରେସକୁ ବିଶ୍ୱାସଘାତକ ମଧ୍ୟ କହିଥିଲେ। ତାମିଲନାଡୁରେ ଡିଏମ୍ ?କେ ନେତୃତ୍ୱାଧୀନ ମେଣ୍ଟରେ ଥିଲା କଂଗ୍ରେସ। ନିର୍ବାଚନ ମଧ୍ୟ ଡିଏମ୍ ?କେ ସହିତ ମିଶି ଲଢ଼ିଥିଲା। କିନ୍ତୁ ସରକାର ଗଠନ ପାଇଁ ଟିଭିକେର ଆବଶ୍ୟକ ସଂଖ୍ୟା ନହେବାରୁ ପ୍ରଥମେ ସହଯୋଗର ହାତ ବ ?ାଇଥିଲା କଂଗ୍ରେସ। ଆଉ ଏହି କଥାକୁ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାମିଲନାଡୁରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥିତିକୁ ଦେଖନ୍ତୁ।

# ଦକ୍ଷିଣ ଆଣ୍ଡାମାନ ସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ

## ବାତ୍ୟା ନେଇ ୧୩ତାରିଖ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର

ଭୁବନେଶ୍ୱର,୧୦।(ମହାଭାରତ)୫: ଓଡିଶାକୁ ରହିଛି ବାତ୍ୟା ବିପତ୍ତି। ୧୧ରେ ଲଘୁଚାପ ସମ୍ଭାବନା, ଆଉ ୧୩ ତାରିଖ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର। ଡରାଉଛି ଶ୍ରୀଲଙ୍କା ସ୍ଥିତ ଗଲ୍ଫ ଅଫ୍ ମନାରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ। ଘନୀଭୂତ ହୋଇ ଲଘୁଚାପର ରୂପ ନେଇ ପାରେ ଘୂର୍ଣ୍ଣିବଳୟ। ୧୧ରେ ଲଘୁଚାପ ସମ୍ଭାବନା। ଓଡିଶାକୁ ବାତ୍ୟାର ଆଶଙ୍କା ସୃଷ୍ଟି କରିଛି ଏହି ଘୂର୍ଣ୍ଣିବଳୟ। କିନ୍ତୁ ଏହା ଓଡିଶାକୁ କେତେ ଦୁର ପ୍ରଭାବିତ କରିବ ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ସେପଟେ ଆସନ୍ତା ୨୪ ଘଂଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା। ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୮ ଜିଲ୍ଲାରେ ଘଂଟା ପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିପାରେ।

ଏଥିପାଇଁ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଆସନ୍ତାକାଲି ମୟୂରଭଂଜ ଓ କେଉଁଝର ଜିଲ୍ଲାରେ କାଳବୈଶାଖୀର ଅଧିକ ପ୍ରଭାବ ରହିବ। ଏଥିସହିତ ପବନର ବେଗ ୪୦ ରୁ ୫୦ କିଲୋମିଟର ଯାଏଁ ରହିବ। ସେହିପରି ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପ୍ରକୋପ ଅନୁଭୂତ ହେବ। ଏଭଳି କାଳବୈଶାଖୀର ପ୍ରଭାବ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ ।

# ତାମିଲନାଡୁରେ 'ବିଜୟ' ଯୁଗ ଆରମ୍ଭ

ନୂଆଦିଲ୍ଲୀ, ୧୦/୦୫(ମହାଭାରତ); ଅପେକ୍ଷାର ଅନ୍ତ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଟିଭିକେ ମୁଖ୍ୟ ବିଜୟ । ଆଜିଠୁ ତାମିଲନାଡୁରେ ବିଜୟ ସରକାର ଆରମ୍ଭ ହୋଇଛି । ୧୯୬୭ ପରେ ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ । ରାଜ୍ୟରେ ବିଜୟ ଯୁଗ ଜାରି । ଟିଭିକେ ଚିଫ୍ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ । ଚେନ୍ନାଇର ଜବାହାରଲାଲ୍ ନେହରୁ ଷ୍ଟାଡିୟମରେ ଐତିହାସିକ ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଉପସ୍ଥିତ ଅଛନ୍ତି । ଟିଭିକେ ମୁଖ୍ୟଙ୍କ ସହ ୯ ଜଣଙ୍କ ବିଜୟଙ୍କ କ୍ୟାବିନେଟରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ସମର୍ଥକଙ୍କ ଉପସ୍ଥିତିରେ ଷ୍ଟାଡିୟମ ଉଚ୍ଛୁଳି ପଡିଛି । ବିଜୟଙ୍କ ବାପା, ମାଆ ଏବଂ ତାଙ୍କ ଲେଡି ଲକ୍ କୁହାଯାଉଥିବା ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ ମଧ୍ୟ ଉପସ୍ଥିତ ଅଛନ୍ତି । ବିଜୟ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ସହିତ ତାମିଲନାଡୁ ରାଜନୀତିର ନୂତନ ଯୁଗରେ ପ୍ରବେଶ କରିଛି । ବ୍ଲାକ୍ ପ୍ୟାଣ୍ଟ ଏବଂ ହ୍ୱାଇଟ୍ ସାର୍ଟରେ ଜବରଦସ୍ତ ଲୁକ୍‌ରେ ନଜର ଆସିଛନ୍ତି ସିଏମ୍ ଜୋସେଫ୍ ବିଜୟ ।

ବିଜୟ ମନ୍ତ୍ରିମଣ୍ଡଳରେ ୯ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି । ମନ୍ତ୍ରୀ ଭାବେ



ଶପଥ ନେଇଛନ୍ତି ଏନ୍. ଆନନ୍ଦ. ଅଦଭ ଅର୍ଜୁନ, କେ.ଜି ଅରୁନରାଜ, କେ.ଏ ସେଙ୍ଗୋଟାଇୟାନ୍, ପି. ଭେଙ୍କଟରମନନ୍, ଆର. ନିର୍ମଳକୁମାର, ରାଜମୋହନ,ଟି.କେ ପ୍ରଭୁ, ସେଲଭି ଏସ୍. କୀର୍ତ୍ତନା । ଏକମାତ୍ର ମହିଳା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସେଲ୍‌ଭି ଏସ୍. କୀର୍ତ୍ତନ ।

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ବିଜୟ କହିଛନ୍ତି 'ଏହା ଏକ ନୂତନ ଆରମ୍ଭ । ଧର୍ମନିରପେକ୍ଷ, ସାମାଜିକ ନ୍ୟାୟର ଏକ ନୂତନ ଯୁଗ ଏବେ ଆରମ୍ଭ ହେଉଛି ।' ଏହା ସହିତ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ ଟିଭିକେ ମୁଖ୍ୟ ସି ଜୋସେଫ ବିଜୟ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ଅନ୍ତର୍ଭୁକ୍ତ ୩ଟି ବଡ଼ ବିଷୟ ରହିଛି ।

୧. ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ , ୨. ନିଶା ନିବାରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଓ ୩. ମହିଳା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ।

ତାମିଲନାଡୁର ବିଧାନସଭା ନିର୍ବାଚନ ଫଳ ମେ ୪ରେ ଆସିଥିଲା । ମୋଟ ୨୩୪ ଆସନ ମଧ୍ୟରୁ ସର୍ବାଧିକ ୧୦୮ଟି ଆସନ ଟିଭିକେ ଜିତିଥିଲା । ଡିଏମ୍‌କେକୁ ୫୯ ଏବଂ ଏଆଇଏଡିଏମ୍‌କେକୁ ୪୭ଟି ମିଳିଥିଲା । ତାମିଲନାଡୁରେ ସରକାର ଗିବାକୁ ନେଇ ରାଜ୍ୟ ରାଜନୀତି ନାଟକୀୟ ମୋଡରେ ପହଞ୍ଚିଥିଲା । ଟିଭିକେକୁ ଆଗରୁ କଂଗ୍ରେସ(୫), ସିପିଆଇ (୨) ଏବଂ ସିପିଆଇ(ଏମ୍) (୨) ଭଳି ଦଳର ସମର୍ଥନ ୮ ତାରିଖ ସୁଦ୍ଧା ମିଳିସାରିଥିଲା । ତଥାପି ବହୁମତ (୧୧୮) ଅଙ୍କ ଛୁଇଁପାରି ନଥିଲା ଦଳ । ଶନିବାର ଭିସିକେ ଏବଂ ଆଇୟୁଏମ୍ଏଲ୍ ନିଜ ସମର୍ଥନ ଜଣାଇଥିଲେ । ଉଭୟ ଦଳ ପାଖରେ ୨ଟି ଲେଖାଏଁ ଆସନ ଥିବାରୁ ମୋଟ ସଂଖ୍ୟା ୧୨୧ରେ ପହଞ୍ଚିଥିଲା । ଆଉ ବିଳମ୍ବ ନ କରି ବିଜୟ ରାଜ୍ୟପାଳଙ୍କୁ ଦେଖା କରିବାକୁ ସମୟ ମାଗିଥିଲେ । ସନ୍ଧ୍ୟା ସା ୬ଟାରେ ଭେଟିବାକୁ ସମୟ ଦେଇଥିଲେ ରାଜ୍ୟପାଳ । ଏହା ପୂର୍ବରୁ ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ମିଶି ସରକାର ଗିପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା । ଭିସିକେ ନେତା ମଧ୍ୟ ଡିଏମ୍‌କେ ମୁଖ୍ୟ ଏମ୍ କେ ଷ୍ଟାଲିନ୍‌ଙ୍କୁ ବାରମ୍ବାର ଭେଟିଥିଲେ । ଭିସିକେ ଉପରେ ସମସ୍ତଙ୍କ ନଜର ରହିଥିଲା । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ନିଷ୍ପତ୍ତି ଝୁଲାଇ ରଖିଥିଲା ଦଳ ।

ଦଳ ନିଃସର୍ତ୍ତ ସମର୍ଥନ ଜଣାଇବା ପରେ ସବୁ ଛକାପଞ୍ଝାର ସମାପ୍ତି ହୋଇଥିଲା ।ଦୀର୍ଘ ୬ ଦିନର କସରତ ପରେ ବିଜୟ ଶନିବାର ରାଜ୍ୟପାଳଙ୍କୁ ପୁନର୍ବାର ଭେଟି ୧୨୧ ବିଧାୟକଙ୍କ ସମର୍ଥନ ପତ୍ର ପ୍ରଦାନ କରିଥିଲେ । ଏଥିରେ ସନ୍ତୁଷ୍ଟ ହୋଇ ରାଜ୍ୟପାଳ ତୁରନ୍ତ ତାଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ । ତାଙ୍କୁ ସରକାର ଗିବା ପାଇଁ ଆମନ୍ତ୍ରଣ କରିଥିଲେ । ଆଜି ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି ବିଜୟ । ତେବେ ତାଙ୍କୁ ମେ ୧୩ କିମ୍ବା ତା' ପୂର୍ବରୁ ବହୁମତ ପ୍ରମାଣ କରିବା ଲାଗି କୁହାଯାଇଛି ।

### ସୌମ୍ୟ ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ

# ୪ ପୋଲିସ୍ ସସପେଣ୍ଡ

ଭୁବନେଶ୍ୱର,୧୦।୫(ମହାଭାରତ): ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ । ୪ ଜଣ ପୋଲିସ କର୍ମଚାରୀ ନିଲମ୍ବିତ । ଜଣେ ଏସ୍ଆଇ,, ଜଣେ ଏଏଆଇ, ଜଣେ ଓଏପିଏଫନିଲମ୍ବିତ । ଜଣେ କନଷ୍ଟେବଲ ମଧ୍ୟ ନିଲମ୍ବିତ । ୨ ହୋମଗାର୍ଡ଼ଙ୍କୁ ଚାକିରିରୁ ଅବ୍ୟାହତି ପାଇଁ ନୋଟିସ କରାଯାଇଛି ।

ଘଟଣାରେ ୪ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ବାଲିଅନ୍ତା ଥାନା ଆଇଆଇସିଙ୍କୁ ବଦଳି କରାଯାଇଛି। ବାଲିଅନ୍ତା ଆଇଆଇସି ଅନୀଲ ପରିଡ଼ା ୟୁପିଡି ଭୁବନେଶ୍ୱର ମୁଖ୍ୟାଳୟକୁ ବଦଳି ହୋଇଛନ୍ତି। ଇନ୍ସପେକ୍ଟର ରଶ୍ମିତା ବେହେରାଙ୍କୁ ବାଲିଅନ୍ତା ଥାନା ଦାୟିତ୍ୱ ଦିଆଯାଇଛି। ସେହିପରି ଜଣେ ଏସ୍ଆଇ, ଜଣେ ଏଏସ୍ଆଇ, ଜଣେ ଓଏପିଏଫ୍ ଙ୍କୁ ନିଲମ୍ବନ କରାଯାଇଛି। ଜଣେ କନଷ୍ଟେବଲ ଏବଂ ଦୁଇ ଜଣ ହୋମଗାର୍ଡଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରାଯାଇଥିବା ସୂଚନା ମିଳିଛି।



ସୂଚନା ଅନୁସାରେ, ବାଲିଅନ୍ତା ଭିଡ ହତ୍ୟାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହା ଭିତରେ କ୍ରାଇମବ୍ରାଞ୍ଚ ସୌମ୍ୟ ହତ୍ୟା ମାମଲା ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ସରଜମିନ୍ ତଦନ୍ତ ଆରମ୍ଭ କରିଛି । ପ୍ରଥମ ପର୍ଯ୍ୟାରେ ବାଲିଅନ୍ତା ଥାନାରେ ପହଞ୍ଚିଛି କ୍ରାଇମବ୍ରାଞ୍ଚ ଟିମ୍ । ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏସପିଙ୍କ ନେତୃତ୍ୱରେ ବାଲିଅନ୍ତା ଥାନାରେ ଟିମ୍ ପହଞ୍ଚିଛି । ତଥ୍ୟ ଓ ସତ୍ୟ ଆଧାରରେ ତଦନ୍ତ ହେବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଏସ୍ପି ଅନିରୁଦ୍ଧ ରାଉତରାୟ । ତେବେ ଏବେ ସୁଦ୍ଧା ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରିସାରିଛି । ଭାଇରାଲ୍ ଭିଡିଓ ଫୁଟେଜ ୪୧ ଜଣଙ୍କୁ ପୁଲିସ ଚିହ୍ନଟ କରିଛି । ସେମାନଙ୍କୁ ଧରିବାକୁ ବିଭିନ୍ନ ଆଡେ ଚ ?ଉ କରିଛି । ଗିରଫଦାରୀ ଭୟରେ ଆଖପାଖ ୫ ଗାଁ ପୁରୁଷ ଶୂନ୍ୟ ହୋଇଯାଇଛି । ଆଜି ସୌମ୍ୟଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିପାରେ । ଯାହା ତଦନ୍ତ ପାଇଁ ସହାୟକ ହେବ।'

ଅନ୍ୟପଟେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି ଗଙ୍ଗାଧର । ତଦନ୍ତ ପାଇଁ ୧୦ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଛି । ୧୦ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଛି । ତଦନ୍ତରେ ସାଇଣ୍ଟିଫିକ, ସାଇବର ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାମିଲ କରାଯାଇଛି । ଦୁଷ୍କର୍ମ, ହତ୍ୟା ଓ ପୁଲିର ଅବହେଳାକୁ ନେଇ ତଦନ୍ତ କରାଯିବ । ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି କହିଛନ୍ତି ।

ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ଗିରଫ କରାଯାଇଛି। ଦୁଇ ଜଣ ଯୁବତୀଙ୍କୁ ମୃତ ସୌମ୍ୟ ଅସଦାଚରଣ କରିବା ସହ ମାଡମାରିଥିବା ତଥା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି କଥାକୁ ନେଇ ଘଟଣାସ୍ଥଳରେ ଜମା ହୋଇଥିବା ଲୋକେ ସୌମ୍ୟଙ୍କୁ ପିଟି ପିଟି ମାରି ଦେଇଥିଲେ। ଅନ୍ୟପକ୍ଷରେ ଯୁବତୀ ଦ୍ୱୟଙ୍କ ଅଭିଯୋଗକୁ ସେଦିନ ସୌମ୍ୟଙ୍କ ସହିତ ଉପସ୍ଥିତ ରହିଥିବା ତାଙ୍କ ସାଙ୍ଗ ଓମ୍ ପ୍ରକାଶ ଖଣ୍ଡନ କରିଛନ୍ତି। ସୌମ୍ୟ ଯୁବତୀ ଦ୍ୱୟଙ୍କୁ ଗାଳିଗୁଲଜ କରିବା ସହିତ ପିଟିଥିବା କଥାକୁ ସେ ସ୍ୱୀକାର କରିଥିବା ବେଳେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହା ସହିତ ଘଟଣାସ୍ଥଳରେ ପହଞ୍ଚିଥିବା ପୁଲିସ କର୍ମଚାରୀ ଓ ଏସ୍ଆଇଙ୍କ ଉପରକୁ ସେ ଅଙ୍ଗୁଳି ଉଠାଇଥିଲେ। ପୁଲିସ ଚାହିଁଥିଲେ ସୌମ୍ୟ ବଞ୍ଚି ଯାଇଥା'ନ୍ତେ ବୋଲି ସେ କହିଥିଲେ।

# ବିଦ୍ୟୁତ୍ ଆଘାତରେ ୨ ଶ୍ରମିକଙ୍କ ମୃତ୍ୟୁ

ବଡବିଲ,୧୦।୫(ମହାଭାରତ) :କେନ୍ଦୁଝର ଜିଲ୍ଲାର କାନୁପୁର ବୃହତ୍ ଜଳ ସେଚନ ପ୍ରକଳ୍ପର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବେଳେ ଅଘଟଣ । ୱେଲ୍ଡିଂ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଅଞ୍ଚଳର ଉତ୍ତମ ରାୟ ଓ ଆପୁ ରାୟ । ସେମାନେ ଏକ ଠିକା ସଂସ୍ଥା ମାଧ୍ୟମରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ ।

ରବିବାର ପ୍ରକଳ୍ପ ଅଞ୍ଚଳରେ ଶ୍ରମିକ ଉତ୍ତମ ରାୟ ଓ ଆପୁ ରାୟ ୱେଲ୍ଡିଂ କାମ କରୁଥିଲେ। ହଠାତ୍ ଉଭୟଙ୍କୁ ବିଦ୍ୟୁତ୍ ଝଟକା ଲାଗିଥିଲା । ଫଳରେ ସେମାନେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ । ତୁରନ୍ତ ସେମାନଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲ ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଯୁବକଙ୍କୁ ଅପହରଣ ପରେ ହତ୍ୟା

## ନଦୀପଠାରୁ ମିଳିଲା ମୃତଦେହ

ରାୟଗଡା, ୧୦।୫(ମହାଭାରତ): ରାୟଗଡା ସହରର ଇନ୍ଦିରାନଗର ଅଞ୍ଚଳରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । ଗୁଳି କରି ଜଣେ ଯୁବକକୁ ହତ୍ୟା କରାଯାଇଛି । ଯୁବକ ଜଣକ ହେଲେ ରାୟଗଡା ସହର ଆମ୍ବେଦକର ସାହିର ହାଡପା ନିଖିଲ୍ । ମୃତ ନିଖିଲ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ବେଳେ ଅନ୍ୟ ଏକ ଗ୍ୟାଙ୍ଗ୍ ର ଅପରାଧିମାନେ ତାକୁ ହତ୍ୟା କରିଛନ୍ତି ବୋଲି ନିଖିଲର ମା' ଅଭିଯୋଗ କରିଛନ୍ତି । ଶନିବାର ରାତିରେ ଫାଇରିଂ ଓ ଅପହରଣ ପରେ ରବିବାର ନାଗାବଳୀ ନଦୀ ପଠାରୁ ନିଖିଲଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ୍ । ଘଟଣାକୁ ପୁଲିସ ଗୁରୁତର ଭାବେ ନେବା ସହ ଅପରାଧିଙ୍କୁ କାବୁ କରିବା ପାଇଁ ଏକ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ଗିରଫ୍ ପ୍ରତିବାଦରେ ଥାନା ଆଗରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି ସ୍ଥାନୀୟ ଲୋକେ।

ନିଖିଲ ଶନିବାର ରାତି ପ୍ରାୟ ୧୦ଟା ସମୟରେ ସହରର ଇନ୍ଦିରାନଗର ଅଞ୍ଚଳରେ ରହିଥିବା ବେଳେ ୪ଜଣ ଦୁର୍ବୃତ୍ତ ତାକୁ ପିଛା କରି ଦୁଇ ରାଉଣ୍ଡ୍ ଗୁଳି ମାରିଥିଲେ । ଭୟରେ ନିଖିଲ ଗୋଟିଏ ଘର ଭିତରେ ପଶିଯିବା ପରେ ତାକୁ ଘୋଷାଡି ଘୋଷାଡି ଏକ କାରରେ ଅପହରଣ କରିଥିଲେ । ତେବେ ରବିବାର କୋଣ୍ଡାତୁମ୍ବିଗୁଡା



ନାଗାବଳୀ ନଦୀ ପଠାରୁ ନିଖିଲର ମୃତଦେହ ଉଦ୍ଧାର କରିଛି ଟାଉନ୍ ଥାନା ପୁଲିସ । ନିଖିଲର ଜଂଘ ଓ ପିଠିରେ ଗୁଳି ଲାଗିଥିବା ଜଣାପଡିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଖିଲ୍ କୁ ହତ୍ୟା କରାଯାଇଥିବା ଜଣାପଡିଥିବା ବେଳେ ନିଖିଲ୍ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି । ହତ୍ୟାକାଣ୍ଡ ପରେ ଟାଉନ୍ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି । ଇନ୍ଦିରାନଗର ଅଞ୍ଚଳର ସମସ୍ତ ସିସିଟିଭିକୁ ଯାଞ୍ଚ କରୁଛି ପୁଲିସ । ଅଭିଯୁକ୍ତମାନଙ୍କୁ ଗିରଫ୍ କରିବା ଦାବି ନେଇ ଥାନା ଆଗରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି ସ୍ଥାନୀୟ ଲୋକେ।

ନିଖିଲର ମୃତଦେହ ମିଳିବା ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ୍ ଥାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଲିସ୍ ଛାଉଣୀ କରାଯାଇଛି । ସେପଟେ ଅଭିଯୁକ୍ତମାନଙ୍କୁ କାବୁ କରିବା ପାଇଁ ଏକ୪ ଜଣିଆ ଟିମ୍ ଗଠନ କରାଯାଇଛି । ଅପରାଧି ମାନେ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଗିରଫ୍ କରାଯିବ ବୋଲି ରାୟଗଡା ଏସପି ସ୍ୱାତୀ.ଏସ୍ କୁମାର ସୂଚନା ଦେଇଛନ୍ତି ।

# ଲୋକଙ୍କ ସୁରକ୍ଷାକୁ ଦିଆଯାଉଛି ପ୍ରାଥମିକତା : ଡିଜିପି

ଭୁବନେଶ୍ୱର, ୧୦।୫(ମହାଭାରତ) : ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଭଲ ତଦନ୍ତ କରିବ। କମିଶନରେଟ ପୋଲିସ ଏବଂ ଓଡ଼ିଶା ପୋଲିସ ଉପରେ ଲୋକଙ୍କ ଭରସା ଅଛି । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଭୁବନେଶ୍ୱର ଟଚଭ ରେ ଆଇନ ଶୃଙ୍ଖଳା ନେଇ ସମୀକ୍ଷା ପରେ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଏହା କହିଛନ୍ତି।

ଆକ୍ସନ୍ ମୋଡରେ କମିଶନରେଟ୍ ପୋଲିସ । ରାଜଧାନୀରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାରିବା ଏବଂ ଜନସାଧାରଣଙ୍କ ମନରୁ ଭୟ ଦୂର କରି ବିଶ୍ୱାସ ଜିତିବା ପାଇଁ ପୁଣି ଥରେ ଅଣ୍ଟା ଭିଡ଼ିଛି କମିଶନରେଟ୍ ପୋଲିସ। ଭୁବନେଶ୍ୱର ୟୁପିଡି (ଟଚଭ) ଅନ୍ତର୍ଗତ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ସେବାରେ ଥିବା ତ୍ରୁଟିକୁ ସୁଧାରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସିଷ୍ଟମରେ ହେବ ବଡ଼ ଧରଣର



ପରିବର୍ତ୍ତନ। ବୈଠକରେ ପ୍ରତ୍ୟେକ ଥାନାର ଆଇଆଇସିଙ୍କ ସହ ସେମାନଙ୍କ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପୋଲିସ ପ୍ରଶାସନରେ ଯଦି ବର୍ତ୍ତମାନର କାର୍ଯ୍ୟଶୈଳୀ ବା ସିଷ୍ଟମରେ କୌଣସି ପ୍ରକାରର ଅଭାବ ରହିଛି, ତେବେ ତାହାକୁ ତୁରନ୍ତ ସୁଧାର କରାଯିବ । ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ଏବଂ ପୋଲିସ ଉପରେ ଥିବା ଆସ୍ଥାକୁ ଫେରାଇ ଆଣିବା ମୁଖ୍ୟ ଉଦ୍ଦେଶ୍ୟ।

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି, କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା, କଞ୍ଚା, ଲଙ୍କା, ଲୁଣ, ଚିନି, ଲେମ୍ବୁ ରସ, ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ, ଅଦା, କଞ୍ଚା ଲଙ୍କା, ଲୁଣ ଚିନି, ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ, ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା, କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



ଖବର

# ପୁଅର ନାଁ ରିଭିଲ୍ କଲେ ସୋନମ କପୁର



ସୋନମ କପୁର ତାଙ୍କ ଦ୍ୱିତୀୟ ପୁଅର ନାଁ ରିଭିଲ୍ କରିଛନ୍ତି ।ସୋନମ କପୁର ସୋସିଆଲ ମିଡିଆରେ ତାଙ୍କ ପୁଅର ଝଲକ ସହିତ ଏକ ପୋଷ୍ଟ ସେୟାର କରିଛନ୍ତି ।ସୋନମ କପୁର ତାଙ୍କର କ୍ୟାପସନରେ ଲେଖିଛନ୍ତି ଯେ, ପବିତ୍ର ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ କୃପାରୁ, ଆମେ ଆମର ଦ୍ୱିତୀୟ ପୁଅକୁ ପାଇଛୁ । ଆମେ 'ରୁଦ୍ରଲୋକ କପୁର ଆହୁଜା'କୁ ସ୍ୱାଗତ କରୁଛୁ। ''ଏଥିସହ ସେ ତାଙ୍କ ପୁଅ ନାଁର ଅର୍ଥକୁ ବାଖ୍ୟା କରିଛନ୍ତି । ବେଦରେ, 'ରୁଦ୍ର' ରୁଦ୍ ରୁ ସୃଷ୍ଟି । ଯାହାର ଅର୍ଥ 'ବଜ୍ରପାତ' । ଯାହା ସମସ୍ତଙ୍କଠାରୁ ଖୁବ୍ ଶକ୍ତିଶାଳୀ ବୋଲି ଅଭିନେତ୍ରୀ କହିଛନ୍ତି ।ଅନ୍ୟପଟେ ଦ୍ୱିତୀୟ ପୁଅର ସେୟାର କରିଥିବା ଫଟୋରେ ସେ ରୁଦ୍ରଙ୍କୁ ଛାତିରେ ଜାବୁଡି ଧରିଥିବା ଦେଖିବାକୁ ମିଳିଛି । ଆଉ ଏକ ଫଟୋରେ ଆନନ୍ଦ ରୁଦ୍ରଙ୍କୁ ଧରିଥିବାର ମଧ୍ୟ ଦେଖିବାକୁ ମିଳିଛି । ଏହି ସେୟାର ହୋଇଥିବା ଫଟୋରେ ସୋନମ କପୁର ଏବଂ ଆନନ୍ଦ କପୁରଙ୍କ ବ୍ୟତୀତ ତାଙ୍କ ବଡ଼ ପୁଅ ବାୟୁ ନଜର ଆସିଛନ୍ତି । ଏହି ଫଟୋ ଏବେ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରଲ ହେବାରେ ଲାଗିଛି ।

## ଖରାରୁ ଘରକୁ ଫେରିଲେ ପିଅନ୍ତୁ ଗୋଟାଏ ଗ୍ଲାସ୍ ଲେମ୍ବୁପାଣି



ରଜ୍ୟରେ ବଢ଼ି ବଢ଼ି ଚାଲିଛି ଗ୍ରୀଷ୍ମ ପ୍ରଭାବ। ଏହି ଗ୍ରୀଷ୍ମରେ ସୁସ୍ଥ ଶରୀର ପାଇଁ ଲେମ୍ବୁ ପାଣି ଖୁବ୍ ଜରୁରୀ ହୋଇଥାଏ। ଏଥିରେ ବହୁଳ ପରିମାଣର ରୋଗ ପ୍ରତିରୋଧକ ଶକ୍ତି ଥିବା ହେତୁ ଏହାକୁ ଭିନ୍ନ ଭିନ୍ନ ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଇଥାଏ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିରେ ରୋଗ ହ୍ରାସ କରିବାର କ୍ଷମତା ରହିଛି। ମୁଖ୍ୟତଃ ହୃଦ୍‌ରୋଗ, କେଶ ଏବଂ ତ୍ୱଚା ପାଇଁ ଏହା ଅତ୍ୟନ୍ତ ଉପକାରୀ। ଲେମ୍ବୁରେ ଅନେକ ଭଲ ଗୁଣ ରହିଛି। ଏପରିକି ଏହା ଆପଣଙ୍କ ରୋଷେଇ ଘରର ଗନ୍ଧ ବି ଦୂର କରିପାରେ। ଜୀବାଣୁ ଏବଂ ବ୍ୟାକ୍ଟେରିଆ ଦୂର କରିବାରେ ଲେମ୍ବୁ ସହ ଆଉ କୌଣସି ଜିନିଷ ତୁଳନୀୟ ନୁହେଁ। ଆପଣ ଗୋଟାଏ ମଧ୍ୟମ ଧରଣର ଲେମ୍ବୁ ନିଅନ୍ତୁ। ତାହାକୁ ଲମ୍ବ ଭାବରେ ୪ ଖଣ୍ଡ କରି କାଟି ଦିଅନ୍ତୁ। ପୂରାପୂରି କାଟିକି ଅଲଗା କରନ୍ତୁ ନାହିଁ। ସେହି ଲେମ୍ବୁରେ କିଛି ଲୁଣ ଛିଞ୍ଚି ଦିଅନ୍ତୁ ଏବଂ ତାହାକୁ ରୋଷେଇ ଘରେ ରଖନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ରୋଷେଇ ଘର ଆଉ ଗନ୍ଧ ହେବ ନାହିଁ। ଲେମ୍ବୁର ବାସ୍ନା ଚାରିଆଡ଼େ ଖେଳିଯିବ। ଫଳରେ ବ୍ୟାକ୍ଟେରିଆରୁ ଯେଉଁ ଦୁର୍ଗନ୍ଧ ନିର୍ଗତ ହୁଏ ତାହା ଆଉ ହେବ ନାହିଁ। ଲେମ୍ବୁକୁ ଆପଣ ନିଜର ଘର ଓ ଆସବା ପତ୍ର ସଫା କରିବାରେ ବି ବ୍ୟବହାର କରିପାରିବେ। ଏହା ଦ୍ୱାରା ସଫା ଭଲ ହୋଇଥାଏ।

# ଟିଭି କମାଉଛି ପିଲାଙ୍କ ସୃଜନଶୀଳତା

ଟେଲିଭିଜନ୍ ପିଲାଙ୍କ ଚିତ୍ତ ବିନୋଦନର ଏକ ସହଜ ମାଧ୍ୟମ। ଲକ୍‌ଡାଉନ୍ ସମୟରେ ଲୋକେ ଗୃହବନ୍ଦୀ ହେବା ପରେ ଟିଭି, ଫୋନ୍, ଲ୍ୟାପ୍‌ଟପ୍‌ରେ ସର୍ବାଧିକ ସମୟ ବିତାଇଛନ୍ତି। ଅଭିଭାବକମାନେ ପିଲାଙ୍କୁ ଫୋନ୍‌ଠୁ ଦୂରରେ ରହିବାକୁ ଆକଟ କଲେ ବି ସେମାନଙ୍କ ଉପରେ ଏହାର ଖାସ୍ ପ୍ରଭାବ ପଡୁନାହିଁ। ପିଲା ଯଦି ଫୋନ୍ ବ୍ୟବହାର କରୁନାହିଁ, ଘଣ୍ଟା ଘଣ୍ଟା ଧରି ଟିଭି ସାମ୍ନାରେ ବସିରହୁଛି। କିନ୍ତୁ ସଦ୍ୟ ଅଧ୍ୟୟନ ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଅଧ୍ୟୟନ ଅନୁସାରେ, ଦିନରେ ୧୫ ମିନିଟ୍‌ରୁ ଅଧିକ ସମୟ ଟିଭି ଦେଖୁଥିବା ପିଲାର ସୃଜନଶୀଳତା ଉପରେ କୁପ୍ରଭାବ ପଡ଼ିପାରେ। ବହି ପଢୁଥିବା କିମ୍ବା ବୁଦ୍ଧି ଖର୍ଚ୍ଚ କରି ଗୋଲକ ଧନ୍ଦା ସମାଧାନ କରୁଥିବା ପିଲାଙ୍କ ତୁଳନାରେ ଟିଭି ଦେଖୁଥିବା ପିଲାଙ୍କ ସୃଜନଶୀଳତା ହ୍ରାସ ଆଶଙ୍କା ବେଶି ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। ବ୍ରିଟେନ୍‌ର ଷ୍ଟାଫୋର୍ଡଶାୟାର ୟୁନିଭର୍ସିଟି ପକ୍ଷରୁ ଅଧ୍ୟୟନ କରାଯାଇଛି। ପିଲାର ବୌଦ୍ଧିକ ବିକାଶ, ମୌଳିକ ବିଚାର ଶକ୍ତିରେ ଏହା ବାଧକ ହୋଇପାରେ ବୋଲି ଉକ୍ତ ୟୁନିଭର୍ସିଟିର ପ୍ରାଧ୍ୟାପକ ସାରା ରୋଜ୍ କହିଛନ୍ତି।



# ଏହି ବାର୍ତ୍ତାରେ ଲୁଚି ରହିଛି କୃଷ୍ଣଙ୍କ ସଫଳତାର ରହସ୍ୟ

ଶ୍ରୀମଦ୍ ଭାଗବତ ଗୀତାରେ ଜୀବନର ମୂଳତତ୍ତ୍ୱ ସହିତ ସଫଳତାର ରହସ୍ୟ ଲୁଚି ରହିଛି। କୁହାଯାଏ ଯେ, ଯିଏ ବି ଭଗବାନ କୃଷ୍ଣଙ୍କ ଉପଦେଶକୁ ଜୀବନରେ ଗ୍ରହଣ କରନ୍ତି, ସେହି ବ୍ୟକ୍ତିଙ୍କୁ ସଫଳ ହେବାରେ କେହି ଅଟକାଇ ପାରିବେ ନାହିଁ। ମହାଭାରତ ଯୁଦ୍ଧ ସମୟରେ ଯେତେବେଳେ ଅର୍ଜୁନ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ, ଭଗବାନ କୃଷ୍ଣ ତାଙ୍କୁ ଗୀତାର ଉପଦେଶ ଶୁଣାଇଥିଲେ। କୁହାଯାଏ କି ଗୀତାର ଉପଦେଶରେ ସଫଳତାର ମନ୍ତ୍ର ଲୁଚି ରହିଛି। ବିଶ୍ୱାସ କରାଯାଏ ଯେ ଗୀତା ପାଠ କରିବା ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ଯେତେବେଳେ ଜଣେ ବ୍ୟକ୍ତି ଜନ୍ମ ହୁଏ, ସେତେବେଳେ ତାଙ୍କ ହାତ ଖାଲି ଥାଏ। ଯେତେବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ ସେତେବେଳେ ତା'ର ହାତ ଖାଲି ରହିଯାଏ। ଭଗବାନ କୃଷ୍ଣ କହିଛନ୍ତି ଯେ, ଦୁନିଆରେ ସବୁ ମୋହ। କୌଣସି ବ୍ୟକ୍ତି କାହା ସହିତ ଯାଆନ୍ତି ନାହିଁ, ଯାହା ମଣିଷ ଠାରୁ ମିଳିଥାଏ ତାହା ସବୁ ରହିଥାଏ। ମୃତ୍ୟୁ ହେଉଛି ଜୀବନର ପ୍ରକୃତ ସତ୍ୟ। ମଣିଷ ଟଙ୍କା ଏବଂ ମୋହ ପଛରେ ଦୌଡ଼ି ଦୌଡ଼ି ନିଜର ସମ୍ପର୍କ ଏବଂ ସାଙ୍ଗମାନଙ୍କୁ ହରାଇ ଦେଇଥାଏ।

ଭଗବାନ କୃଷ୍ଣ କହିଛନ୍ତି ଯେ, ମୋହର କୌଣସି ଲାଭ ନାହିଁ। ବକ୍ତିଙ୍କୁ ଜୀବନରେ ସନ୍ତୁଷ୍ଟିର ଭାବନା ରହିବା ଉଚିତ୍। ଜଣେ ବ୍ୟକ୍ତି ଅତ୍ୟଧିକ ଲୋଭ ହେତୁ ନିଜର ସୁଖ ଏବଂ ଶାନ୍ତି ହରାଇ ଦେଇଥାଏ ଏବଂ ଶେଷରେ ସେ କିଛି ଲାଭ କରିପାରେ ନାହିଁ। ଶ୍ରୀକୃଷ୍ଣ କହିଛନ୍ତି ଯେ, ଯିଏ ଯେମିତି ଆସିଥିବ ସିଏ ସେମିତି ହିଁ ଯିବ। ଏହା ହେଉଛି ଜୀବନ ଏବଂ ଏହା ଜୀବନର ସତ୍ୟ। ଯାହା ଆଜି ତୁମର ଅଛି ଆସନ୍ତା କାଲି ଅନ୍ୟ କାହାର ହେବ। ଯଦି ତୁମେ ଏହାକୁ ନିଜର ବୋଲି ଭାବୁଛ ତେବେ ଏହା ତୁମର ଦୁଃଖର କାରଣ ଅଟେ।





## ଓଁ ଧ୍ୱନିରେ ଲୁଚି ରହିଛି ବିଶ୍ୱ ବ୍ରହ୍ମାଣ୍ଡ

ଓଁ ଧ୍ୱନି ସାରା ବିଶ୍ୱରେ ଗୁଞ୍ଜରଣ ହୋଇଥାଏ । ସେଥିପାଇଁ ଓଁ ଉଚ୍ଚାରଣ ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଏହି ଧ୍ୱନି ମନୁଷ୍ୟର ଶ୍ରବଣ କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଯେଉଁମାନେ ସାଧନା କରିବାକୁ ଚାହିଁଥାନ୍ତି ସେମାନେ ଏହି ଚମତ୍କାରୀ ଧ୍ୱନିକୁ ଶୁଣି ପାରନ୍ତି । ତିନିଟି ଅକ୍ଷର ଅ, ଉ ଏବଂ ମ୍ କୁ ମିଶାଇ ହୋଇଛି ଓଁ । ଓଁ ଈଶ୍ୱରଙ୍କର ୩ଟି ସ୍ୱରୂପ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ସଂଯୁକ୍ତ ରୂପ । ଓଁରେ ହିଁ ସୃଷ୍ଟି, ପାଳନ ଏବଂ ବିନାଶ । ଓଁ ମନ୍ତ୍ରର ସଠିକ ପ୍ରୟୋଗ ଦ୍ୱାରା ଜୀବନର ସବୁ ସମସ୍ୟା ଦୂର କରାଯାଇପାରେ । ଓଁର ସଠିକ ଉଚ୍ଚାରଣ ଦ୍ୱାରା ଈଶ୍ୱରଙ୍କ ନିକଟ ହୋଇପାରିବେ । ଓଁ ଧ୍ୱନି ଏତେ ପବିତ୍ର ଯେ ମୁନିଋଷି ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓଁ ଯୋଡି ଦେଇଛନ୍ତି । ଓଁ ସହ ଜଡିତ ହେବାପରେ ମନ୍ତ୍ରର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । କିନ୍ତୁ ଓଁ ମନ୍ତ୍ର ଉଚ୍ଚାରଣର ମଧ୍ୟ କିଛି ନିୟମ ରହିଛି । ଉଚ୍ଚାରଣ ସମୟରେ ଏହି ନିୟମ ପାଳନ କରିବା ଉଚିତ । ଓଁ ଉଚ୍ଚାରଣ ବ୍ରହ୍ମ ମୁହୂର୍ତ୍ତରେ କିମ୍ବା ସଂଧ୍ୟା ସମୟରେ କରିବା ଉଚିତ । ମନ୍ତ୍ରର ସଠିକ ଲାଭ ପାଇବା ପାଇଁ ଏହାର ସଠିକ ଉଚ୍ଚାରଣ ପଦ୍ଧତି ଶିଖିବା ଆବଶ୍ୟକ। ଓଁ ଉଚ୍ଚାରଣ ସମୟରେ ମେରୁଦଣ୍ଡ ସିଧା ରହିବା ଉଚିତ । ଉଚ୍ଚାରଣ ପୂରା କରିବାର ୧୦ ମିନିଟ ଯାଏଁ ଜଳ ସ୍ପର୍ଶ କରିବା ଉଚିତ ନୁହେଁ । ଡାହାଣ ହାତରେ ତୁଳସୀ ପତ୍ର ନେଇ ୧୦୮ ଥର ଓଁ ଉଚ୍ଚାରଣ କରନ୍ତୁ । ଉଚ୍ଚାରଣ ପରେ ତୁଳସୀ ପତ୍ରକୁ ପିଇବା ପାଣିରେ ପକାଇ ଏହି ପାଣିକୁ ପିଅନ୍ତୁ । ଏହି ସମୟରେ ତାମସିକ ଆହାର ନ କରିବା ଉଚିତ । ଏହାଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର ବରଦାନ ମିଳିଥାଏ । ଘରର ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ । ମୁଖ୍ୟ ଦ୍ୱାର ଉପରେ ଓଁ ଲେଖନ୍ତୁ । ଏହି ପ୍ରୟୋଗ ମଙ୍ଗଳବାର ଅପରାହ୍ନରେ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ।



# ସରକାରୀ ଜମି ଜବରଦଖଲ କରିଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୦।୫ (ମହାଭାରତ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ସମସ୍ତ ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି ; ସେ କ୍ଷେତ୍ରରେ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହି ସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ । ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ । ଜମି ରେକର୍ଡ଼ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଂଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।



ସେହିପରି ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଅଧୀନରେ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ଼ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ (ଆର୍ ଆଇ)ମାନଙ୍କୁ ପ୍ରତ୍ୟେକ ମାସରେ ୨୫୦ ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି କୃଷକ ପଞ୍ଜୀକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଂଶୋଧିତ ଖାତା ଗୁଡ଼ିକରେ କୃଷକ ମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା ସହ ଆଧାର ଲିଙ୍କ୍ ସଂଯୋଗୀକରଣକୁ ସଫଳତା ସହ ସମାପନ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା କୃଷକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଉପଲବ୍ଧ ହେବା ଅଧିକ ସହଜ ଏବଂ ସମ୍ଭବ ହେବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ମାପକ (ପାରାମିଟର୍) ଆଧାରରେ ଜିଲ୍ଲାମାନଙ୍କର ରାଙ୍କିଙ୍ଗ୍ କରାଯିବ ବୋଲି କହିଛନ୍ତି । ରାଙ୍କିଙ୍ଗ୍ ଆଧାରରେ ଭଲ ପ୍ରଦର୍ଶନ କରିନଥିବା ଜିଲ୍ଲାମାନଙ୍କର ସମୀକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶାସନିକ କାର୍ଯ୍ୟ ସମ୍ପନ୍ନ ନ କଲେ ଅଥବା କାର୍ଯ୍ୟାଦେଶ ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏଥିସହିତ ସମଗ୍ର ରାଜ୍ୟରେ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ଦୃଢ଼ ଗୁରୁତ୍ୱାରୋପ କରିଛନ୍ତି।

## ଯୁବ କଂଗ୍ରେସ ତରଫରୁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୦।୫ (ମହାଭାରତ): ଅଖିଳ ଭାରତୀୟ ଗଣମାଧ୍ୟମ ପକ୍ଷରୁ ଦିଲ୍ଲୀସ୍ଥିତ ଇନ୍ଦିରା ଭବନ ଠାରେ ସାରା ଦେଶର ଗଣମାଧ୍ୟମ ବିଭାଗ ଦାୟିତ୍ୱରେ ଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତାମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ କରାଯାଇଥିଲା। ଉକ୍ତ ଶିବିରରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ମୁଖ୍ୟ ପଓ୍ୱନ ଖେରା, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନିସ ଶର୍ମା, ଅଖିଳ ଭାରତୀୟ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ବରୁଣ ପାଣ୍ଡେ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ମନୁ ଜେନ୍ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମକୁ ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ କରୁନ୍ ଚୌରା ସିହା ପରିଚାଳନା କରିଥିଲେ। ଶ୍ରୀ ପଓ୍ୱନ ଖେରା ଏହି ଶିବିରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଗଣମାଧ୍ୟମ ହେଉଛି ଦେଶର ଚତୁର୍ଥ ସ୍ତମ୍ଭ। କଂଗ୍ରେସର କାର୍ଯ୍ୟକ୍ରମ ଏବଂ ରାହୁଲ ଗାନ୍ଧୀଙ୍କର ବାର୍ତାକୁ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗରେ କାର୍ଯ୍ୟ କରୁଥିବା ସଦସ୍ୟମାନେ ଗଣମାଧ୍ୟମ ବନ୍ଧୁମାନଙ୍କ ସହିତ ରହି ବାର୍ତାକୁ ଜନସାଧାରଣ ପାଖରେ ପହଂଚାଇବାକୁ ପଡିବ। ଶ୍ରୀ ଖେରା ତାଙ୍କ ମନ୍ତବ୍ୟରେ ଆହୁରି ମଧ୍ୟ କହିଛନ୍ତି ଗଣମାଧ୍ୟମ ହେଉଛି ଲୋକମାନଙ୍କ ମାଧ୍ୟମ। ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ଏବଂ ଯେକୌଣସି ସମସ୍ୟା ହେଲେ ମଧ୍ୟ ଗଣମାଧ୍ୟମରେ ଏହାର ସମାଧାନ ହୋଇପାରୁଛି।

ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଯୋଗ ଦେଇଥିଲେ।

## ବିଏମ୍‌ସିର ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୧୦।୫ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ବିଦାୟ ନେଲେ ୩୦ କର୍ମଚାରୀ ଏବଂ ଜଣେ ଅଧିକାରୀ । ଅନ୍ୟଜଣେ ଅଧିକାରୀଙ୍କୁ ବଦଳି କରାଯାଇଛି । ଅବସର ଗ୍ରହଣ କରିଥିବା ଓ ବଦଳି ହୋଇଥିବା କର୍ମଚାରୀ ଓ ଅଧିକାରୀଙ୍କୁ ଆଜି ବିଏମ୍ ସି ରିକ୍ରିଏସନ କ୍ଲବ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଏମ୍ ସି କମିଶନର ତଥା ରିକ୍ରିଏସନ କ୍ଲବର ସଭାପତି ଶ୍ରୀ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଫାଇନାନ୍ସ ଆଣ୍ଡ ଟ୍ୟାକ୍ସେସନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ, ଓ୍ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଧର ବେହେରା, ବିଏମ୍ ସିରୁ ବଦଳି ହୋଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ନେଇଥିବା ତଥା ବିଏମ୍ ସିର ପୂର୍ବତନ ଅତିରିକ୍ତ କମିଶନର ରତ୍ନାକର ସାହୁ, କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଥିବା ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ ପ୍ରମୁଖ ମଂଚାସୀନ ଥିଲେ। ଦୀର୍ଘ ଦିନ କାର୍ଯ୍ୟକରି ଅବସର ନେଉଥିବା କର୍ମଚାରୀଙ୍କଠାରୁ ବିଏମ୍ ସି ଅନେକ କଥା ଶିକ୍ଷାଲାଭ କରିଛି । ତେଣୁ ସେମାନଙ୍କର ଅବସରକାଳୀନ ଜୀବନ ଦୀର୍ଘ, ନିରାମୟ ଏବଂ ସୁଖକର ହେଉବୋଲି ଉଭୟ ମାନନୀୟା ମେୟର ଓ କମିଶନର କାମନା କରିଛନ୍ତି । ଗତ ତିନିମାସ ମଧ୍ୟରେ ସମୁଦାୟ ୩୦ ଜଣ କର୍ମଚାରୀ ଅବସର ଗ୍ରହଣ କରିଥିବା ବେଳେ ଜଣେ ଅଧିକାରୀ ମଧ୍ୟ ଅବସର ଗ୍ରହଣ କରିଛନ୍ତି । ସେହିପରି ଅନ୍ୟଜଣେ ଅଧିକାରୀ ଅନ୍ୟତ୍ର ବଦଳି ହୋଇଛନ୍ତି । ଆଜି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତଙ୍କୁ ମଧ୍ୟ ସଂଗେ ସଂଗେ ପ୍ରୋଭିଜନାଲ ପେନସନ ପ୍ରଦାନ କରାଯାଇଛି। ଏହି ଅବସରରେ ଅବସର ଗ୍ରହଣ କରିଥିବା ଏବଂ ବଦଳି ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତଥା ସାହିତ୍ୟିକ ଶ୍ରୀ ସରୋଜ କୁମାର ମହାପାତ୍ର ଏକ କବିତା ପାଠ କରିଥିବା ବେଳେ ଡେପୁଟି କମିଶନର ଶ୍ରୀମତୀ ରଶ୍ମୀରେଖା ଅମାନ୍ତଙ୍କ ଦ୍ୱାରା ଲିଖିତ ଦୁଇଟି କବିତା ପାଠ କରାଯାଇଥିଲା ।

ପରେ ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମାନନୀୟା ମେୟର, କମିଶନର ଓ ମଂଚାସୀନ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ମଂଚ ପରିଚାଳନା କରିଥିଲେ ରିକ୍ରିଏସନ କ୍ଲବର ସାଧାରଣ ସଂପାଦକ ଶ୍ରୀ ଶୁଭକାନ୍ତ ପାଢୀ ଏବଂ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ଶ୍ରୀ ସନ୍ତୋଷ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ, ସସ୍ମିତା ନାୟକ ପ୍ରମୁଖ ।

## ଭିତିଭୂମି ନୁହେଁ, ଜୀବନମାନର ପରିବର୍ତନ ହେଉଛି ପ୍ରକୃତ ସଫଳତା

ଭୁବନେଶ୍ୱର,୧୦।୫ (ମହାଭାରତ): ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଓ ଦୃଷ୍ଟିଭଙ୍ଗୀରେ ଓଡ଼ିଶାର ସହର ଉନ୍ନୟନ ଏବେ ନୂତନ ଗତି ଧାରଣ କରିଛି। 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟକୁ ସାକାର କରିବା ପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ବୁଧବାର ଓଡ଼ିଶା ଅର୍ବାନ ଏକାଡେମୀରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏକ ସମୟସୀମାବଦ୍ଧ ଓ ଫଳକେନ୍ଦ୍ରିତ ରୋଡମ୍ୟାପ୍ ର ସ୍ପଷ୍ଟ ଦିଗନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସମୀକ୍ଷା ସମୟରେ ମନ୍ତ୍ରୀ ଡଃ ମହାପାତ୍ର ଜୋର ଦେଇ କହିଥିଲେ ଯେ, "ନଗର ଉନ୍ନୟନର ସଫଳତା କେବଳ ଢାଂଚାଗତ ବିକାଶରେ ମାପାଯିବ ନାହିଁ; ଲୋକଙ୍କ ଜୀବନମାନ, ଜୀବିକା ଓ ସୁବିଧାରେ ଆସୁଥିବା ପରିବର୍ତନ ହିଁ ସରକାରଙ୍କ ପ୍ରକୃତ ସଫଳତାର ପରିଚୟ।" ବର୍ତମାନ ପର୍ଯ୍ୟନ୍ତ ପ୍ରାୟ ୯୮% ବଜେଟ୍ ବ୍ୟୟ ହୋଇଥିବାକୁ ସେ ଦୃଢ଼



ପ୍ରଶାସନିକ କ୍ଷମତାର ପ୍ରତିଫଳ ବୋଲି ଉଲ୍ଲେଖ କରିଥିଲେ। ମିଡିଆକୁ ସମ୍ବୋଧିତ କରି ମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୩୬ ସୁଦ୍ଧା ସହରାଂଚଳର ୮୦% ଲୋକଙ୍କୁ ଆବାସ ସୁବିଧା ଯୋଗାଇବାକୁ 'ସମସ୍ତଙ୍କ ପାଇଁ ଛାତ' ଅଭିଯାନ ଆରମ୍ଭ ହେଉଛି। ଏଥିରେ ଆର୍ଥିକ ଦୁର୍ବଳ, ସ୍ୱଳ୍ପ ଆୟକାରୀ ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ଭଡ଼ା ଆଧାରିତ ଆବାସ ମଡେଲକୁ ଗୁରୁତ୍ୱ ଦିଆଯିବ। ରାଉରକେଲାରୁ ପାଇଲଟ୍ ଆରମ୍ଭ କରାଯାଇ ପର୍ଯ୍ୟାୟକ୍ରମେ ସମସ୍ତ ପ୍ରମୁଖ ସହରକୁ ବିସ୍ତାର କରାଯିବ। ସହର ବିକାଶରେ 'ଲ୍ୟାଣ୍ଡ ପୁଲିଂ' ମଡେଲକୁ ଗେମ୍-ଚେଞ୍ଜର ଭାବେ ଉପସ୍ଥାପନ କରି ମନ୍ତ୍ରୀ କହିଥିଲେ ଯେ, ୪୦% ଜମି ସାର୍ବଜନୀନ ଢାଂଚା ପାଇଁ ବ୍ୟବହୃତ ହେବା ସହ ୬୦% ବିକଶିତ ଜମି ମାଲିକଙ୍କୁ ଫେରସ୍ତ ମିଳିବ—ଯାହା ଜମି ବିବାଦ କମେଇବା ସହ ଆଧୁନିକ ନଗର ଯୋଜନାକୁ ତ୍ୱରାନ୍ୱିତ କରିବ। ୪୯ ସହରରେ ସ୍ମାର୍ଟ ଇନ୍ଧା ପୁଷ୍—ଜଳ, ରାସ୍ତା ଓ ନିଷ୍କାସନରେ ଫୋକସ୍ । 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି' ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୪୯ଟି ସହରକୁ ଚୟନ କରାଯାଇଛି। ଏହି ସହରଗୁଡ଼ିକରେ ଆଧୁନିକ ସଡ଼କ, ୨୪ଘଣ୍ଟା ପାନୀୟ ଜଳ ଯୋଗାଣ ଓ ବୈଜ୍ଞାନିକ ନିଷ୍କାସନ ବ୍ୟବସ୍ଥାକୁ ଅଗ୍ରଗତି ଦିଆଯିବ। ସେଥିସହ 'ଅମୃତ' ଯୋଜନା ମାଧ୍ୟମରେ ପ୍ରତ୍ୟେକ ସହରୀ ପରିବାରକୁ ନଳ ଯୋଗେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାରେ ସରକାର ପ୍ରତିବଦ୍ଧ। ସହରୀ ବନ୍ୟା ସମସ୍ୟାର ମୂଳ ସମାଧାନ ପାଇଁ ସମଗ୍ର 'ଡ୍ରେନେଜ୍ ମାଷ୍ଟର ପ୍ଲାନ' ପ୍ରସ୍ତୁତ ହୋଇଛି। ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଗାଙ୍ଗୁଆ ନାଳ ଓ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ ଓ ଅର୍ଥବିନ୍ୟାସ ହୋଇସାରିଛି। ନଗର ଉନ୍ନୟନ ଓ ଜଳସମ୍ପଦ ବିଭାଗ ମିଳିତ ଭାବେ ଶୀଘ୍ର କାମ ଆରମ୍ଭ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ଭିଜନ୍ ଅନୁସାରେ ସହରୀ ଜଳବନ୍ଦୀ ସମସ୍ୟାର ସମାଧାନରେ ଏକ ବୃହତ୍ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଥିଲେ।

## ସ୍କୁଲ ମ୍ୟାନେଜମେଂଟ କମିଟି ଗାଇଡଲାଇନର ଶୁଭାରମ୍ଭ

ଭୁବନେଶ୍ୱର,୧୦।୫ (ମହାଭାରତ): 'ସ୍କୁଲ ମ୍ୟାନେଜମେଣ୍ଟ କମିଟି'(ଏସଏମସି) ଗାଇଡଲାଇନ ଶିକ୍ଷକ ଶିକ୍ଷୟିତ୍ରୀ,, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ । ଏହି ନୂତନ ଗାଇଡ୍?ଲାଇନ୍ ବିଦ୍ୟାଳୟ ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ସହ ଏକ ସୁସ୍ଥ ଶିକ୍ଷାଦାନ ପରିବେଶ ଗଠନରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି-୨୦୨୬'ର ନୂତନ ମାର୍ଗଦର୍ଶିକା ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାର୍ଗଦର୍ଶିକାଗୁଡ଼ିକ ବିଦ୍ୟାଳୟ, ପରିବାର ଏବଂ ସମାଜ ମଧ୍ୟରେ ଏକ ସଶକ୍ତ ଭାବନାତ୍ମକ ଏବଂ ସାମାଜିକ ସହଭାଗିତାକୁ ପ୍ରାତିଷ୍ଠାନିକ ରୂପ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଆମେ ସମସ୍ତେ ବିଦ୍ୟାଳୟର ସାମଗ୍ରିକ ବିକାଶ, ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷାର ତଦାରଖ ପାଇଁ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।



ସେ ଆହୁରି କହିଛନ୍ତି ଯେ ନୂତନ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀରୁ କମ୍ପ୍ୟୁଟେସିଓନାଲ ଥିଙ୍କିଂ ଏବଂ ଏଆଇ ଆଧାରିତ ଶିକ୍ଷାର ଶୁଭାରମ୍ଭ କରାଯାଇଛି । ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ଶ୍ରୀ, ପିଏମ୍ ପୋଷଣ, ଅଟଳ ଟିଙ୍କରିଂ ଲ୍ୟାବ୍ ଏବଂ 'ଉଲ୍ଲାସ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେଉଛି । ଡିଜିଟାଲ ସ୍ୱାକ୍ଷରତାରେ ସୁଧାର, ଡ୍ରପ୍-ଆଉଟ୍ ହାରରେ ନିରନ୍ତର ହ୍ରାସ ଏବଂ ଛାତ୍ରୀମାନଙ୍କ ପାଇଁ, ବିଶେଷ କରି କ୍ଷେମ ଶିକ୍ଷା କ୍ଷେତ୍ରରେ ସୁଯୋଗର ସମ୍ପ୍ରସାରଣ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ପଦକ୍ଷେପ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ ବିଦ୍ୟାଳୟ ଏବଂ ସମାଜ ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରନ୍ତି, ସେତେବେଳେ ଶିକ୍ଷା ଏକ ସାମଗ୍ରିକ ସାମାଜିକ ପ୍ରକ୍ରିୟାରେ ପରିଣତ ହୋଇଥାଏ, ଯେଉଁ ପ୍ରକ୍ରିୟା ପରବର୍ତ୍ତୀ ସମୟରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ସ୍ଥାପନ କରିଥାଏ । ବର୍ତ୍ତମାନ ସମାଜରେ ସମ୍ପନ୍ନତା ବୃଦ୍ଧି ପାଇବା ସହ ଆମର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଉଛି । ଘରେ ପର୍ବପର୍ବାଣୀ ପାଳନ କଲା ଭଳି ଆମେ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରଦାନ କରିବା ଏବଂ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମର ପ୍ରାଥମିକତା ହେବା ଉଚିତ । ସେହିପରି ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଦରକାର । ଗଛ ଲଗାଇବା କେବଳ ଗୁରୁଙ୍କର କାର୍ଯ୍ୟ ନୁହେଁ, ବରଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଆମର ଦାୟିତ୍ୱ ଅଟେ । ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ 'ଜାତୀୟ ଶିକ୍ଷା ନୀତି -୨୦୨୦'ର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ 'ବିକଶିତ ଭାରତ ୨୦୪୭' ର ଲକ୍ଷ୍ୟ ହାସଲ ପାଇଁ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି ଏକ ଜନ-ଆନ୍ଦୋଳନ ଭାବରେ ଉଭା ହେବା ହେବା ଉଚିତ୍ । ସମାଜ ମଧ୍ୟ ଏହାର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାଗିଦାରୀ ସହିତ ନିର୍ବାହ କରିବା ଆବଶ୍ୟକ ।

## ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ

ଭୁବନେଶ୍ୱର,୧୦।୫ (ମହାଭାରତ): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଜି ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ଢେଙ୍କାନାଳରେ ଓଡିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି 'ବିକାଶମୂଳକ ଯୋଗାଯୋଗ: ସରକାରୀ ସଂଚାର ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ' ପ୍ରସଙ୍ଗରେ ଏକ ଉପସ୍ଥାପନା ଦେଇଥିଲେ। ସୂଚନା ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ମିଶ୍ର କହିଥିଲେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ । ଯୋଗାଯୋଗ ପରେ ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ଅଧିକାରୀମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି । ଅଧିକାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ସେ ଆଲୋକପାତ କରିଥିଲେ । ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ପ୍ରସାରିତ ନହୁଏ ସେଥିପାଇଁ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଂଚ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଶ୍ରୀ ମିଶ୍ର ସଠିକ ଏବଂ ଭୁଲ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିଥିଲେ । ସେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିବା ସହ ସେଥିରେ ଯୋଗାଯୋଗ ଏବଂ ସରକାରୀ ନୀତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

## ଧରଣୀଧର ନାୟକଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୦।୫ (ମହାଭାରତ): ଧରଣୀଧର ନାୟକ (ଭୂୟାନ)ଙ୍କ ୧୯୨ତମ ଜନ୍ମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବରିଷ୍ଠ ନେତୃମଣ୍ଡଳୀ ଓ ଦଳୀୟ କର୍ମୀମାନେ ଏହି ଅବସରରେ ଯୋଗଦେଇ ଏହି ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ, ଯିଏ ମାଟିର ପୁଅ ଓ ସାଂସ୍କୃତିକ ଜାଗରଣର ଏକ ପ୍ରବର୍ତ୍ତକ ଥିଲେ । ଧରଣୀଧର ନାୟକଙ୍କ ଅପାର ଅବଦାନ, ସାହସ ଓ ସମାଜ କଲ୍ୟାଣ ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତା ସଦା ସ୍ମରଣୀୟ ରହିବ । ତାଙ୍କର ଜୀବନ ଆଗାମୀ ପିଢିକୁ ସମର୍ପଣ ଓ ନିଷ୍ଠାର ସହିତ ସେବା କରିବା ପାଇଁ ପ୍ରେରଣା ଦେଇଆସୁଛି।

ଶଙ୍ଖ ଭବନରେ ତାଙ୍କର ଅମୂଲ୍ୟ ଅବଦାନ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ସଭାକୁ ସମ୍ବୋଧନ କରି ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଧରଣୀଧର ନାୟକ କେନ୍ଦୁଝରରେ ବ୍ରିଟିଶ ସରକାରର ଶୋଷଣ ନୀତି ବିରୋଧରେ ଐତିହାସିକ ବିଦ୍ରୋହର ନେତୃତ୍ୱ ନେଇଥିଲେ । ସେ ଭୂୟାନ ଜାତି ସହିତ ସ୍ଥାନୀୟ ସମୁଦାୟମାନଙ୍କୁ ନ୍ୟାୟ ଓ ସ୍ୱାୟତ୍ତତା ପାଇଁ ଏକତ୍ର କରିଥିଲେ । ସେ ଔପନିବେଶିକ ଶାସକ ଓ ଜମିଦାରୀ ପ୍ରଥା ଦ୍ୱାରା ଆଦିବାସୀ ସମୁଦାୟ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିଲେ।

ଏହି ଅବସରରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ବିଜୟ ନାୟକ, ମୁଖପାତ୍ର ଶ୍ରୀ ନାରାୟଣ ଜେନା, ସାଧାରଣ ସମ୍ପାଦକ ଶ୍ରୀ ସୁରେନ୍ଦ୍ର ମହାପାତ୍ର, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ ଓ ମହିଳା ନେତ୍ରୀ ଶ୍ରୀମତୀ ଅଂଶୁ ତ୍ରିପାଠୀ ସଭାକୁ ସମ୍ବୋଧନ କରି ନିଜର ମତାମତ ପ୍ରକାଶ କରିଥିଲେ । ଡ଼ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଅଙ୍କୁରା ହସପିଟାଲରେ ଲୁପସ୍ ଦିବସ ସଚେତନତା

ଭୁବନେଶ୍ୱର,୧୦।୫ (ମହାଭାରତ): ବିଶ୍ୱ ଲୁପସ୍ ଦିବସ ୨୦୨୬ ଅବସରରେ ଅଙ୍କୁରା ହସପିଟାଲ ଫର୍ ଓମେନ ଆଣ୍ଡ ଚିଲ୍ଡ୍ରେନ, ଭୁବନେଶ୍ୱର ପକ୍ଷରୁ ଲୁପସ୍ ଏବଂ ଅନ୍ୟ ଅଟୋଇମ୍ୟୁନ ରୋଗଗୁଡିକରେ ଆକ୍ରାନ୍ତ ପିଲାମାନେ ଏବଂ ସେମାନଙ୍କ ପିତା ମାତା ଓ ଯତ୍ନକାରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। କନ୍‌ସଲଟାଣ୍ଟ ପେଡିଆଟ୍ରିକ ର୍ୟୁମାଟୋଲୋଜିଷ୍ଟ ଡା. ଦେବାଶିଷ ପାତ୍ରୋ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାବେଳେ ସେ ବାଲ୍ୟାବସ୍ଥା ଲୁପସ୍ ନିୟନ୍ତ୍ରଣ ନିମନ୍ତେ ଆଦ୍ୟ ରୋଗ ନିରୂପଣ, ସମୟୋଚିତ ଚିକିତ୍ସା, ଭାବଗତ ସମର୍ଥନ ଏବଂ ଦୀର୍ଘକାଳୀନ ଯତ୍ନର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଲୁପସ୍ ଏକ ଦୀର୍ଘକାଳୀନ ଅଟୋଇମ୍ୟୁନ ରୋଗ ଯେଉଁଥିରେ ଶରୀରର ରୋଗ ପ୍ରତିରୋଧ ବ୍ୟବସ୍ଥା ତାହାର ନିଜସ୍ୱ ସୁସ୍ଥ କୋଷିକା ଏବଂ ଅଙ୍ଗ ପ୍ରତ୍ୟଙ୍ଗଗୁଡିକ ଉପରେ ଆକ୍ରମଣ କରିଥାଏ। ବାଲ୍ୟାବସ୍ଥା ଲୁପସ୍ ଅନେକ ସମୟରେ ଅଧିକ ମାରାତ୍ମକ ହୋଇଥାଏ ଏବଂ ତାହାର ଶୀଘ୍ର ଚିକିତ୍ସା କରାନଗଲେ ଏହା କିଡନି, ଅଭିବୃଦ୍ଧି, ଭାବପ୍ରବଣଗତ ସୁସ୍ଥତା ଏବଂ ପିଲାମାନଙ୍କ ଜୀବନର ସମୁଦାୟ ମାନଗତ ଦିଗକୁ ପ୍ରଭାବିତ କରିପାରେ। ଅଟୋଇମ୍ୟୁନ ରୋଗଗୁଡିକ ଦ୍ୱାରା ଆକ୍ରାନ୍ତ ୨୦ରୁ ଅଧିକ ପିଲା ଏହି କାର୍ଯ୍ୟକ୍ରମରେ ସେମାନଙ୍କ ପିତା ମାତାଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଚିକିତ୍ସାଗତ



ଚାଲେଞ୍ଜର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ଏହି ପିଲାମାନେ ଗୀତ ଗାଇବା, ନୃତ୍ୟ ପ୍ରଦର୍ଶନ, କଳାତ୍ମକ କୃତି ଏବଂ ସେମାନଙ୍କର ପ୍ରେରଣାଦାୟୀ ବ୍ୟକ୍ତିଗତ ଯାତ୍ରା ସମ୍ପର୍କରେ ବର୍ଣ୍ଣନା ଜରିଆରେ ଉଲ୍ଲେଖନୀୟ ଆତ୍ମବିଶ୍ୱାସ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ଏକ ଉଲ୍ଲେଖନୀୟ ଘଟଣା ଥିଲା ଏଥିରେ ୟଙ୍ଗ୍ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍ ଆଚିଭର୍ ଅର୍ନବ ପଟ୍ଟନାୟକଙ୍କର ଅଂଶଗ୍ରହଣ। ଭୁବନେଶ୍ୱରର ଏହି ୧୮ ବର୍ଷ ବୟସ୍କ ନଏଡାରୁ ଖାର୍‌ଦୁଙ୍ଗ ଲା ପାସ୍‌କୁ ରାଉଣ୍ଡ ଟ୍ରିପ୍ ମୋଟରସାଇକଲ ଅଭିଯାନ ଶେଷ କରିବା ସହିତ ୪୮ ଘଣ୍ଟା ସ୍କେଟିଂ କରିବାର ସଫଳତା ମଧ୍ୟ ହାସଲ କରିଛନ୍ତି। ତାଙ୍କ ସଫଳତାର କାହାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ପ୍ରେରଣା ଦେବା ସହିତ ଦୀର୍ଘକାଳୀନ ରୋଗଗୁଡିକ ସହିତ ଲଢୁଥିବା ପିଲାମାନଙ୍କର ସାମର୍ଥ୍ୟ ଓ ଏକାଗ୍ରତାକୁ ପ୍ରତିଫଳିତ କରିଥିଲା। ଉପସ୍ଥିତ ପିତାମାତା କାର୍ଯ୍ୟକ୍ରମରେ ସାମିଲ ସ୍ପେଶାଲିଷ୍ଟ ଏବଂ ଅନ୍ୟ ପରିବାରଗୁଡିକ ସହିତ କଥାବାର୍ତ୍ତା କରିବା ସମୟରେ ଭାବପ୍ରବଣତାର ସହିତ ସେମାନଙ୍କ ଅନୁଭୂତି, ସଂଗ୍ରାମ ଏବଂ ଆଶାଗୁଡିକ ସହଭାଗୀତା କରିଥିଲେ, ଯାହା ଏକ ସମର୍ଥନକାରୀ ଏବଂ ଉତ୍ସାହପ୍ରଦ ପରିବେଶ ସୃଷ୍ଟି କରିଥିଲା। ଲୁପସ୍ ଆକ୍ରାନ୍ତ ରୋଗୀମାନେ ଆଦ୍ୟାବସ୍ଥାରେ ରୋଗ ନିରୂପଣ, ନିୟମିତ ଚିକିତ୍ସା, ଭାବଗତ ସମର୍ଥନ ଏବଂ ଉପଯୁକ୍ତ ଜୀବନଶୈଳୀ ପରିଚାଳନା ଜରିଆରେ ମଧ୍ୟ ସ୍ୱାଭାବିକ ଏବଂ ସଫଳ ଜୀବନ ଅତିବାହିତ କରିପାରିବେ ବୋଲି ଦୃଢ ବାର୍ତ୍ତା ସହିତ କାର୍ଯ୍ୟକ୍ରମ ପରିସମାପ୍ତ ହୋଇଥିଲା।

# ଭୋଟ ବ୍ୟାଙ୍କକୁ ଦୁର୍ବଳ

ନିର୍ବାଚନ କମିଶନ ରାଜ୍ୟରେ କେବଳ ବିଜେପିକୁ ସୁହାଇବା ପାଇଁ ଏସଆଇଆର କଲେ ବୋଲି ଟିଏମସି ଅଭିଯୋଗ କରି ଆସୁଛି ଏସଆଇଆର ଯୋଗୁ ଅନେକ ସଂଖ୍ୟାଲଘୁ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରୁ ପଟିଲା ଯାହା ଯଥାର୍ଥ ଥିଲା। ଏସଆଇଆର ଯୋଗୁ ଅନେକ ମୃତ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଛି। ନଚେତ ସେମାନଙ୍କ ନାମରେ ଜାଲ ଭୋଟ ହୋଇଥାଆନ୍ତା। ଏହା ଟିଏମସିର ଭୋଟ ବ୍ୟାଙ୍କକୁ ଦୁର୍ବଳ କରିଛି। ତେଣୁ ସ୍ୱାଭାବିକ ଭାବେ ମମତା ଏବଂ ତାଙ୍କ ସମର୍ଥକମାନେ ଅଭିଯୋଗ କରି ଆସୁଛନ୍ତି ଯେ, ନିର୍ବାଚନ କମିଶନ ବିଜେପିକୁ ସୁହାଇବା ପରି କାର୍ଯ୍ୟ କରୁଛନ୍ତି। ଏହା ଏକ ଅନ୍ଧ ଅଭିଯୋଗ। ପଶ୍ଚିମବଙ୍ଗରେ ନିର୍ବାଚନ ବେଳେ ସର୍ବାଧିକ ହିଂସା ହୋଇଥାଏ। ଭୋଟ ଗ୍ରହଣରେ ଅନେକ ସମୟରେ ଜାଲିଆତି ହୋଇଥାଏ। ଏଥିରେ ଶାସକ ଦଳର ସମର୍ଥକ ହିସାବରେ ହେଉ ଅଥବା ବାଧ୍ୟବାଧକତାରେ ହେଉ ଅନେକ ସରକାରୀ କର୍ମଚାରୀ ଏବଂ ପୋଲିସ ସହଯୋଗ କରନ୍ତି। ଏହାକୁ ରୋକିବା ନିମନ୍ତେ ଏଥର ପଶ୍ଚିମବଙ୍ଗରେ ନିର୍ବାଚନ ବେଳେ ବହୁ ସଂଖ୍ୟକ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ କରାଗଲା। ଏହା ଫଳରେ ଭୋଟ ଗ୍ରହଣ ଅନେକାଂଶରେ ନିରପେକ୍ଷ ହୋଇପାରିଲା ଏବଂ ଶାନ୍ତି ଶୃଙ୍ଖଳାର ସହ ଏହା ସମ୍ପନ୍ନ ହେଲା। ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଏହା ଜରୁରୀ ଥିଲା। କାରଣ ରାଜ୍ୟ ପୋଲିସ ଉପରେ ବିଶ୍ୱାସ ନାହିଁ। ଏହା ଟିଏମସିକୁ ସୁହାଇବା ପରି କାର୍ଯ୍ୟ କରିଥାଆନ୍ତା। ନିର୍ବାଚନ ପରିଚାଳନା ଲାଗି କେନ୍ଦ୍ରୀୟ ଫୋର୍ସ ମୁତୟନରେ ଅସୁବିଧା କ'ଣ ରହିଲା ? ଟିଏମସି ଭୋଟ ଜାଲିଆତି କରିପାରିଲାହିଁ ବୋଲି କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ ଏବଂ ସମାଲୋଚନା କରିବାର କ'ଣ ଯଥାର୍ଥତା ରହିଛି ? ପଶ୍ଚିମବଙ୍ଗର ଜନ ସଂଖ୍ୟା ୮ କୋଟିରୁ ଅଧିକ। ସେଥିରେ ୩ ଲକ୍ଷ ଅର୍ଦ୍ଧସାମରିକ ବାହିନୀ ମୁତୟନ କ'ଣ ଅଧିକ ହୋଇଗଲା ? ବାସ୍ତବରେ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ୨୦ ଲକ୍ଷ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ଏତେ ସଂଖ୍ୟକ କେନ୍ଦ୍ରୀୟ ଫୋର୍ସ ଏବଂ ପର୍ଯ୍ୟବେକ୍ଷକଙ୍କ ନିଯୁକ୍ତି ସତ୍ତ୍ୱେ ଅନେକ ସ୍ଥାନରେ ଭୋଟ ଗ୍ରହଣ ବେଳେ ଗଡ଼ବଡ଼ ହୋଇଥିବା ଅଭିଯୋଗ ହୋଇଛି। ଏଥିଲାଗି ନିର୍ବାଚନ କମିଶନ କେତେକ ବୁଥରେ ସାନି ମତଦାନ କରିଛନ୍ତି। ଫାଲଟା ଆସନର ସମସ୍ତ ୨୮୫ ବୁଥରେ ସାନି ମତଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭୋଟ ଗଣତିରେ ମଧ୍ୟ କେନ୍ଦ୍ରୀୟ କର୍ମଚାରୀ ନିୟୋଜିତ ହେବେ ବୋଲି ନିର୍ବାଚନ କମିଶନ(ଇସିଆଇ) ନିଷ୍ପତ୍ତି ନେଇଛନ୍ତି। ଏହାକୁ ଟିଏମସି ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଛନ୍ତି। ଭାରତର ନିର୍ବାଚନ କମିଶନ ଏକ ସ୍ୱାଧୀନ ଏବଂ ସ୍ୱୟଂଶାସିତ ଗଣତାନ୍ତ୍ରିକ ସଂସ୍ଥା। ଭାରତରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ଇସିଆଇକୁ ପୁରା କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଣତନ୍ତ୍ରର ସୁରକ୍ଷା ଲାଗି ଏହା ଜରୁରୀ। ଏଥିରେ ସରକାର ବା ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ଭୋଟ ଗଣତିରେ କେନ୍ଦ୍ରୀୟ କର୍ମଚାରୀ ନିୟୋଜିତ ହେବାରେ କ'ଣ ଅସୁବିଧା ରହିଲା ? ଯଦି ଏହା ଦ୍ୱାରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଲା, ତେବେ ତାହାକୁ ସ୍ୱାଗତ କରିବାରେ କିଛି ଅସୁବିଧା ନାହିଁ। ଦିର୍ବାଚନ କମିଶନଙ୍କ ବିରୋଧରେ ମମତାଙ୍କ ଏଭଳି ଅନ୍ଧ ଅଭିଯୋଗ ବାସ୍ତବରେ ସନ୍ଦେହଜନକ। ଲାଗୁଛି ଡାଲ ମେ କୁଛ କାଲା ହେ। ଏହାକୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳମାନେ ସମର୍ଥନ କରିବା ଏବଂ ଇସିଙ୍କ ବିରୋଧରେ ଅନ୍ଧ ଅଭିଯୋଗ ଆଣିବା ନିନ୍ଦନୀୟ। ନିର୍ବାଚନ କମିଶନଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣି କଂଗ୍ରେସ ଏବଂ ଟିଏମସି ପ୍ରମାଣିତ କରିଛନ୍ତି ଯେ, ଗଣତନ୍ତ୍ର ଏବଂ ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସ ନାହିଁ।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି


॥ ପ୍ରଫେସର ହୃଦୟନାଥ ଥାଟୋଇ ॥


" *ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।*

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲାଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟି ରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ୱିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିଖିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।


# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ


॥ ଅଲେଖ ଚନ୍ଦ୍ର ସାମଲ ॥


ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ 'ସତ୍ୟନାରାୟଣ' ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଦ ପୁରାଣର ରେବାଖଣ୍ଡରେ 'ସତ୍ୟନାରାୟଣ'ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଦ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶୀର୍ବାଦରେ ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଦ ପୁରାଣର ରେବାଖଣ୍ଡରେ କୁହାଯାଇଛି -'ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍' ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର 'ପୀର' ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ 'ନାରାୟଣ' ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ 'ପୀର' ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । 'ନାରାୟଣ' ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । 'ହୟଶୀର୍ଷ ପଞ୍ଚରାତ୍ର' ମତରେ ବିଷ୍ଣୁ ପୌଷ ମାସରେ 'ନାରାୟଣ' ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି - 'ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।' ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି - 'ଯୋଽୟଂ ନାରାୟଣେଶ କେବଃ ସଭିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।'

'ପୀର' ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି 'ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଟ ଭୂମୀରେ ଇତିହାସ ଅନୁଧାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ 'ମଦ୍ଧାରାହୀ' ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା - ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି - 'ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।' ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି - 'ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୂତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି' । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ - 'ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ' । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ - 'ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା' । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି - ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି 'ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି'୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳଓ କାବ୍ୟରେ ବର୍ଣ୍ଣିତ ଅଛି - କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି 'ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍' । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି - 'ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।'


ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩


# 'ଅମାବାସ୍ୟାର ଚନ୍ଦ୍ର'ର ସ୍ରଷ୍ଟା


॥ ବାଦଲ ଭୂୟାଁ ॥


ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି' - ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତ୍ତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ 'ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସୁ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ - ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ଼ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ଏରସମା ଥାନାରେ ଜୁଭେଣ୍ଡିକା କାର୍ଯ୍ୟକ୍ରମ



ଏରସମା (ମହାଭାରତ): ଏରସମା ଥାନା ପରିସରରେ ର୍ତିତ୍ତୋଲ ଏସଡିପିଓ ଅଜୟ କୁମାର ଦାସ ଜୁଭେଣ୍ଡିକା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୧୦ ବର୍ଷରୁ ୧୮ ବର୍ଷ ମଧ୍ୟରେଯୋଗଦେଇଥିବା ନାବାଳକ ନାବାଳିକାଙ୍କୁ ସାଇବର କ୍ରାଇମ ସମେତ ନିଜର ଗୋପନୀୟତାର ସୁରକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବୁଝାଯାଇଥିଲା । ଏପରିକି ସେମାନଙ୍କର କୌଣସି ସମସ୍ୟା ହେଲେ ସେମାନେ ସିଧାସଳଖ ପୁଲିସକୁ ଭୟ ନକରି ଅବଗତ କରାଇବା ପାଇଁ ଅଧିକାରୀ ପରାମର୍ଶ ଦେଇଥିଲେ । ଏପରିକି କେହି ଯଦି ହଇରାଣ କରନ୍ତି ତେବେ ତୁରନ୍ତ ପୋଲିସ ସହାୟତା ନେବା ସହ ଯେତେ ସମ୍ଭବ ମୋବାଇଲ ଠାରୁ ନିଜକୁ ଦୁରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଥାନା ବୁଲାଇ ଦେଖାଇଥିଲେ ପୁଲିସ କର୍ମଚାରୀ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ପ୍ରାର୍ଥ ପ୍ରିତମ୍ ଦାସ , ମହିଳା ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଏସ ଆଇ ସୋଫିଆ ବେଗମ, ସମସ୍ତ ଏସ ଆଇ, ଏ ଏସ ଆଇ, ହାବିଲଦାର, କନେଷ୍ଟବଳ, ହୋମଗାର୍ଡ, ଗ୍ରାମରକ୍ଷୀ ଅନଙ୍ଗନବାଡ଼ି କର୍ମୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଧ୍ୟକ୍ଷାଙ୍କ ବିରୋଧରେ କର୍ମଚାରୀଙ୍କ ଆନ୍ଦୋଳନ ୮ ଦିନରେ



ଗଣିଆ,(ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀୟୁ ଉଚ୍ଚବିଦ୍ୟାଳୟରେ ଏବେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଅଧ୍ୟକ୍ଷାଙ୍କ ମନମୁଖୀ ଶାସନ ଓ ର୍ନିଯାତନା ବିରୋଧରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଗତ ୮ ଦିନ ହେଲା ବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ଆନ୍ଦୋଳନ ଦୀର୍ଘ ଦିନ ଧରି ଚାଲିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କ ଦର୍ଶନ ନମିଳିବା କ୍ଷୋଭର ବିଷୟ ହୋଇଛି। ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଅଧ୍ୟକ୍ଷା ସେମାନଙ୍କୁ ଦୀର୍ଘ ଦିନ ଧରି ମାନସିକ ଓ ବୃତ୍ତିଗତ ର୍ନିଯାତନା ଦେଇ ଆସୁଛନ୍ତି। କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉନାହିଁ। ଅଧ୍ୟକ୍ଷା ନିଜେ ଗତ ଦୁଇ ବର୍ଷ ଧରି ଶ୍ରେଣୀ ଗୃହରେ ପାଠ ପଢ଼ାଉ ନାହାନ୍ତି ।ବ୍ୟକ୍ତିଗତ ଆକ୍ରୋଶ ରଖି କର୍ମଚାରୀଙ୍କୁ ହଇରାଣ କରାଯାଉଛି। ଏହି ସମସ୍ୟା ନେଇ ପୂର୍ବରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗତ ଶନିବାର ଠାରୁ କର୍ମଚାରୀମାନେ ଧାରଣାକୁ ଓହ୍ଲାଇଛନ୍ତି ।ଅନ୍ୟପଟେ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି। ତାଙ୍କ କହିବା ଅନୁଯାୟୀ, କର୍ମଚାରୀମାନେ ତାଙ୍କ ସହ କୌଣସି ଆଲୋଚନା ନକରି ସିଧାସଳଖ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେ ଏହାକୁ 'ଆକ୍ରୋଶମୂଳକ' ଓ ବିଦ୍ୟାଳୟର ସୁନାମ ନଷ୍ଟ କରିବାର ଏକ ପ୍ରୟାସ ବୋଲି ମତ ଦେଇଛନ୍ତି ।ଉଭୟ ପକ୍ଷର ଏହି ଟାଣାଓଟରା ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ପାଠପଢ଼ା ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ଘଟୁଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷା ବିଭାଗ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ସାଇ ବାବାଙ୍କ ମୁକୁଟ ସହ ସୁନା ଓ ରୁପା ଅଳଙ୍କାର ଲୁଟ୍



ହିଞ୍ଜିଳିକାଟୁ: ଠାକୁରଙ୍କୁ ଛାଡିଲେନି ଦୁର୍ବୃତ୍ତ। ହୁଣ୍ଡି ଭାଙ୍ଗି ଲୁଟି ନେଲେ ପ୍ରାୟ ୧ ଲକ୍ଷ ଟଙ୍କା। ସାଇ ବାବାଙ୍କ ମୁକୁଟ ସହ ସୁନା ଓ ରୁପା ଅଳଙ୍କାର ମଧ୍ୟ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୋଚିଲିମା ଛକରେ ଥିବା ସାଇ ସୁନ୍ଦର ଧାମ୍ ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି ହୋଇଛ। ଘଟଣା ସ୍ଥଳରେ ପୋଲିସ ପହଁଚି ଅଧିକ ତଦନ୍ତ କରିବା ସହ ଉଉଞ୍ଚଠ କ୍ୟାମେରାରୁ ତଥ୍ୟ ସଂଗ୍ରହ କରୁଛି। ପୋଲିସର ଢ଼ିଲା ପେଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ଧୀରେ ଧୀରେ ଅପରାଧ ଘଟାଇବାରେ ଅପରାଧି ସଫଳ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ସୂଚନାଯୋଗ୍ୟ, ସେହିପରି କିଛି ମାସ ତଳେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ୯ନମ୍ବର ଏନଏସି ୱାର୍ଡରେ ଦୁଇଟି ମନ୍ଦିରରୁ ଚୋରି ହୋଇଥିଲା । ମଣି ନାଗେଶ୍ୱର ଓ ଗାୟତ୍ରୀ ମନ୍ଦିରରୁ ଲୁଟିନେଇଥିଲା ଲୁଟେରା । ମଣି ନାଗେଶ୍ୱର ମନ୍ଦିରରେ ପଶି ଠାକୁରଙ୍କ ପିତ୍ତଳ ହାଣ୍ଡି ସହ ହୁଣ୍ଡି ଭାଙ୍ଗି ଟଙ୍କା ନେଇଯାଇଥିଲେ। ୭ବର୍ଷ ହେବ ହୁଣ୍ଡି ବାକ୍ସ ଖୋଲାଯାଇଥିବାରୁ କେତେ ଟଙ୍କା ଲୁଟ୍ ହୋଇଛି ସ୍ପଷ୍ଟ ହୋଇନାହିଁ । ସେପଟେ ଗାୟତ୍ରୀ ମନ୍ଦିର ଗେଟ୍ ଭାଙ୍ଗି ମାଆଙ୍କ ରୁପା ମୁକୁଟ, ରୁପା ବାସନ ଓ ପିତ୍ତଳ ବାସନ ଲୁଟି ନେଇଥିଲା ଦୁର୍ବୃତ୍ତ। ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିଲା ଉଦଳା ପୋଲିସ ।

# ସହର ଭିତରେ ହାତୀ, ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ



ଅନୁଗୁଳ: ସହର ଭିତରେ ହାତୀ । ଅନୁଗୋଳ ସହର ଫରେଷ୍ଟ ରେଞ୍ଜ ସୌଭାଗ୍ୟନଗର ଅଞ୍ଚଳରେ ବୁଲିଲା ଦନ୍ତା । ହଠାତ ଜନବସତି ମଧ୍ୟରେ ହାତୀକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ଉପରେ କଡ଼ା ନଜର ରଖିଛନ୍ତି । ଦନ୍ତାକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ବନ ବିଭାଗ ସଫଳ ହୋଇପାରିନାହିଁ । ସହର ଭିତରେ ଦନ୍ତା ଘୁରିବୁଲୁଥିବାରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ହାତୀ ନିକଟକୁ ନଯିବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ବର୍ତ୍ତମାନ ହାତୀଟି ହୋମଗାର୍ଡ଼ ଅଫିସ ଗ୍ରାଉଣ୍ଡ ରେ ରହିଛି ।ଅନ୍ୟପଟେ, ହାତୀ ଆକ୍ରମଣରେ ଜଣେ ମହିଳା ମୃତ ।ମୃତ ମହିଳା ଢେଙ୍କାନାଳ ହିନ୍ଦୋଳ ବନାଞ୍ଚଳ ବାରସିଙ୍ଗା ଗାଁର ଭାରତୀ ବିଶ୍ୱାଳ । ଘର ପଛକୁ ଯାଇଥିବା ସମୟରେ ହାତୀ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥା ରେ ପରିବାର ଲୋକ ତାଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ବନବିଭାଗ ପହଞ୍ଚି ତଦନ୍ତ ଜାରି ରଖିଛି ।

## ଜଗନ୍ନାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତିରେ ପୁଣି ନୂଆମୋଡ଼

## ପହଣ୍ଡି ସେବାୟତଙ୍କୁ ଦାୟିତ୍ୱରୁ ହଟାଇବା ସହ ଘର ଛାଡ଼ିବାକୁ ନୋଟିସ୍

ନୟାଗଡ, ( ମହାଭାରତ ) : ନୟାଗଡ଼ ର ଜଗନ୍ନାଥ ମନ୍ଦିର ର ବିଭିନ୍ନ ନୀତି କାନ୍ତି ଏବଂ ଅନ୍ୟାନ୍ୟ ବ୍ୟବସ୍ଥାକୁ ନେଇ ଅଧିକାଂଶ ସମୟରେ ମନ୍ଦିରର ଅବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁ ମାନେ ଆପତ୍ତ ଅଭିଯୋଗ ଉଠାଉଛନ୍ତି। ଏଥର ନୟାଗଡ଼ ଜଗତ୍ତାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତିକୁ ନେଇ ଆସିଛି ନୂଆମୋଡ। ମନ୍ଦିରରେ ଅବଢ଼ା ପ୍ରସ୍ତୁତିକୁ ନେଇ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଦେବୋତ୍ତର ବିଭାଗ ଅବଢ଼ା ପ୍ରସ୍ତୁତିରୁ ପହଣ୍ଡି ସେବାୟତଙ୍କୁ ନିର୍ଦ୍ଦେଶ ହଟାଇବାକୁ ଦେଇଛି। ଏ ନେଇ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ବିଭାଗ ପକ୍ଷରୁ ନୋଟିସ୍ ଲଗାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତିକୁ ନେଇ ବାରମ୍ବାର ବିବାଦ ଦେଖିବାକୁ ମିଳିଥିଲା। ଏମିତିକି ଦୀର୍ଘ ଦିନ ଧରି ଅବଢ଼ା ପ୍ରସ୍ତୁତି ପାଇଁ ଟେଣ୍ଡର୍ କରା ନଯାଇ ପହଣ୍ଡି ସେବାୟତଙ୍କୁ ଏହାର ଦାୟି ଦିଆଯାଇଥିଲା। ଏହାକୁ ନେଇ ଅନେକ ସମୟରେ ବାଦ ବିବାଦ ସୃଷ୍ଟି ହେଉଥିବା ବେଳେ ଉପ-ଜିଲ୍ଲାପାଳ ତଥା ଦେବୋ□ର ର୍ନିବାହୀ ଅଧିକାରୀ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମନ୍ଦିରରେ ଲାଗିଥିବା ନୋଟିସ୍ ଅନୁଯାୟୀ, ଦୈନିକ ଅବଢ଼ା ଭୋଗ ପ୍ରସ୍ତୁତ କରିବା ନିମନ୍ତେ ପହଣ୍ଡି ସେବାୟତ ମାନଙ୍କୁ ଦିଆଯାଇଥିବା ଅନୁମତି ଆଦେଶକୁ ପ୍ରତ୍ୟାହୃତ କରାଯାଇଛି। ପହଣ୍ଡି ସେବାୟତ ମାନେ ଅବଢ଼ା ଭୋଗ ପ୍ରସ୍ତୁତି ନିମନ୍ତେ ମନ୍ଦିର ପରିସର ମଧ୍ୟରେ ବ୍ୟବହାର କରୁଥିବା ଘର ଯଥାଶୀଘ୍ର ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଦୈନିକ ଖେଚୋଡ଼ି ଭୋଗ ମନ୍ଦିର ପ୍ରଶାସନ ପକ୍ଷରୁ ଅବଢ଼ା ନିଲାମ ପର୍ଯ୍ୟନ୍ତ କରାଯିବାକୁ ନିର୍ଦ୍ଦେଶ ରହିଛି। ଖୁବଶୀଘ୍ର ଅବଢ଼ା ନିଲାମ କରାଯିବ ବୋଲି ଦେବୋ□ର ବିଭାଗ ମ୍ୟାନେଜର୍



ତାପସ କୁମାର ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ନୟାଗଡ଼ ଶ୍ରୀ ଜଗତ୍ତାଥ ଜିଉଙ୍କ ମନ୍ଦିରର ନୀତି ଓ ଅନ୍ୟାନ୍ୟ ସେବା ମଧ୍ୟରେ ଖୁବଶୀଘ୍ର ସଂସ୍କାର ଆଣିବା ପାଇଁ ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି। ଉଲ୍ଲେଖନୀୟ ଯେ ନୟାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ପୂର୍ବରୁ ଅବଢ଼ା ନିଲାମ ନେଇଥିବା ବ୍ୟକ୍ତିଙ୍କୁ ଦେବୋତ୍ତର ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନକୁ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅବଢ଼ା ପ୍ରସ୍ତୁତି ପାଇଁ ପହଣ୍ଡି ସେବାୟତଙ୍କୁ ଦାୟି ଦିଆଯାଇଥିଲା। ପହଣ୍ଡି ସେବାୟତଙ୍କୁ ଦାୟି ଦିଆଯିବା ପରଠାରୁ ପୂଜକ ତଥା ବ୍ରାହ୍ମଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏହାକୁ ନେଇ ଏକାଧିକ ଥର ବାଦ ବିବାଦୀୟ ସ୍ଥିତି ଉପୁଜୁଥିଲା। ଦେବୋ□ର ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି କେବେ କାର୍ଯ୍ୟକାରୀ ହେବ ବୋଲି ପ୍ରଶ୍ନ ଉଠୁଥିବା ବେଳେ ଏହି ନୋଟିସ୍ ଲାଗିବା ପରେ ପହଣ୍ଡି ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ଜଣାପଡ଼ିଛି।

## ୫୬ ଗ୍ରାମ ହେରୋଇନ ସହ ବାଇକ ଜବତ , ଜଣେ ଗିରଫ



ଜଗତସିଂହପୁର : ୫୬ ଗ୍ରାମ ହେରୋଇନ ସହ ବାଇକ ଜବତ। ଜଗତସିଂହପୁର ଜିଲ୍ଲାର ବିରିଡ ଥାନା ଅନ୍ତର୍ଗତ ମାଣିତିରି ଅ□ଳର ଜଣେ ନିଶା ମାଫିଆ ସରୋଜ ନାୟକଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଞ୍ଚ ପରେ ତାଙ୍କ ପାଖରୁ ହେରୋଇନ୍ , ଏକ ଫୋନ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ହିରୋ ପ୍ୟାସନ ପ୍ରୋ ମୋଟର ସାଇକେଲ ଜବତ କରାଯାଇଛି ।ସୂଚନାମୁତାବକ ଯେ ମାଣିତିରି ଗାଁର ସରୋଜ ନାୟକ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ତାକୁ ଧରିଥିଲେ । ଜବତ ହେରୋଇନ୍ ସହ ବାଇକ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୦୬,୦୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ସାଲେପୁରରେ ସିରିଜ୍ ଦୁର୍ଘଟଣା, ୩ ଆହତ ଓ ଜଣେ ଗୁରୁତର



ସାଲେପୁର: କଟକ ଚନ୍ଦବାଲି ରାସ୍ତା ସାଲେପୁର ନାନ୍ଦୋଳ ଗଡ଼ା ଛକ ନିକଟରେ ଦୁର୍ଘଟଣା । କଟକ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ଚିପ୍ସ ବୋଝେଇ ହାଇୱା ନାନ୍ଦୋଳ ଗଡା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ସେହି ସମୟରେ କେନ୍ଦ୍ରାପଡ଼ାରୁ ଆସୁଥିବା ଗୋଟିଏ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାରଟି ପିଟି ହୋଇ ବିଲ ଭିତରକୁ ଖସି ପଡ଼ିଥିଲା । ଦୁଇ ବାଇକ ଆରୋହୀ ପଡ଼ିଥିବା ଚିପ୍ସ ଉପରେ ଖସି ପଡ଼ିଥିଲେ ।କାର ଭିତରେ ଥିବା ୩ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ହାଇୱା ଚାଳକ ଓ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଟ୍ରକ ତଳେ ଜଣେ ଚାପି ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେୟ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତ।

# ରାୟଗଡାରେ ଗ୍ୟାଙ୍ଗୱାର: ଗୁଳି କରି ଯୁବକଙ୍କୁ ହତ୍ୟା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ପକ୍ଷରୁ ଥାନା ଘେରାଉ, ଟାୟାର ଜାଳି ରାସ୍ତା ରୋକ



ରାୟଗଡା,(ମହାଭାରତ):: ରାୟଗଡା ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ରାୟଗଡା ରେ ଦେଖାଦେଇଛି ଗ୍ୟାଙ୍ଗ ୱାର ଓ ଗୁଳି କରି ଆହତ କରି ପରେ ଆକ୍ରମଣ କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ ଓ ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଅପହରଣ କରି ହତ୍ୟାକରିଥିବା ଭଳି ଘଟଣା ସହରରେ ଆତଙ୍କ ଖେଳିଯାଇଛି । ସୂଚନା ଅନୁଯାୟୀ,ଶନିବାର ରାତି ପ୍ରାୟ ୧୦ଟା ସମୟରେ ଇନ୍ଦିରା ନଗର ୩ୟ ଲାଇନରେ କିଛି ଯୁବକ ଗୋଟିଏ ବୁଲେଟ ଏବଂ ଏକ ଚାରି ଚକିଆ ଗାଡିରେ ନିଖିଲକୁ ପିଛା କରିଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ଯୁବକ ଜଣଙ୍କ ଭୟରେ ଦେଡି ପଳେଇବା ସମୟରେ ଫାୟାରିଂ ହୋଇଥିଲା । ଏପରିକି ଯୁବକ ଜଣଙ୍କ ପ୍ରାଣ ଭୟରେ ଜଣଙ୍କ ଘରକୁ ପଶିଯିବା ସମୟରେ ଦୁର୍ବୃ□ମାନେ ତାକୁ ସେଠାରୁ ଟାଣି ଆଣି ଗାଡ଼ିରେ ବସେଇ ରିଂ ରୋଡ ପଟେ ନେଇ ହତ୍ୟା କରି ତୁମ୍ବିଗୁଡା ନିକଟରେ ମୃତ ଦେହକୁ ଫିଙ୍ଗି ଚାଲିଯାଇଥିଲେ ଓ ମୃତଦେହକୁ ନାଗାବଳି ନଦୀ କୂଳରେ ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ ଓ ଖବର ପାଇ ରାୟଗଡା ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବକ ରାୟଗଡା ସହର ରେଲି ସାହିର ନିଖିଲ ହାଡ଼ିପା ବୋଲି ସ୍ପଷ୍ଟ କରିଛି । ରାୟଗଡା ଏସପି ସ୍ୱାତି ଏସ କୁମାର, ଅତିରକ୍ତ ଏସପି ରମେନ୍ଦ୍ର ପ୍ରସାଦ, ଏସଡିପିଓ ଗୌରହରି ସାହୁ ସମେତ ବହୁ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ।ଘଟଣାସ୍ଥଳରୁ ପୁଲିସକୁ ଏକ ବ୍ୟବହୃତ ଖୋକା ମିଳିଥିବା ଜଣାପଡିଛି ଓ ପୂର୍ବ ଶତୃତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଇଛି ଓ ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି ଓ ଅପର ପକ୍ଷରେ ପରିବାର ଲୋକେ ଦୁର୍ବୃ□ଙ୍କୁ ତୁରନ୍ତ ଗିରଫ ଦାବିରେ ରାୟଗଡା ଥାନା ଘେରାଉ କରି ଥାନା ସମ୍ମୁଖରେ ଟାୟାର ଜାଳି ରାୟଗଡା ଆନ୍ଧ୍ରପ୍ରଦେଶର ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି। ପୁଲିସ ହସ୍ତକ୍ଷେପ ପରେ ରାସ୍ତା ଅବରୋଧ ହଟିଥିବା ଦେଖିବାକୁ ମିଳିଛି।

# ରାଜପଥ ପାର୍ଶ୍ୱରୁ କାଟିଦେଲେ ୫୦ରୁ ଅଧିକ ବୃକ୍ଷ

## ପେଟ୍ରୋଲ ପମ୍ପ ର୍ନିମାଣକୁ ନେଇ ଉତ୍ତେଜନା

ବୈଶିଙ୍ଗା:ପେଟ୍ରୋଲ ପମ୍ପ ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛି ପ୍ରଶାସନ। ର୍ନିମାଣଧୀନ ପେଟ୍ରୋଲ ପମ୍ପ ପାଇଁ ପରିବେଶ ନଷ୍ଟ କରିବାକୁ ମଧ୍ୟ ପଛଘୁଞ୍ଚା ଦେଲେ ନାହିଁ। ଅନ୍ୟାବଶକ ଭାବେ ପମ୍ପ ର୍ନିମାଣ ପାଇଁ ଜାତୀୟ ରାଜପଥ ପାର୍ଶ୍ୱରୁ କାଟିଦେଲେ ୫୦ରୁ ଅଧିକ ଛୋଟ ବଡ଼ ବୃକ୍ଷ, ଯୋଉଁଥିପାଇଁ ସାଧାରଣରେ ଉଦବେଗ ସୃଷ୍ଟି କରିଛି। ବେତନଟୀ ବ୍ଲକ ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ଖଇରିବଣି ଛକ ନିକଟରେ ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ଖଇରିବଣି ଛକ ନିକଟରେ ଏକ ପେଟ୍ରୋଲ ପମ୍ପ ର୍ନିମାଣଧୀନ ଅଛି। ଜାତୀୟ ରାଜପଥ ସୌନ୍ଦର୍ଯ୍ୟକରଣ ତଥା ପରିବେଶକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏଇ ମାତ୍ର ୫ବର୍ଷ ପୁର୍ବରୁ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ହଜାର ହଜାର ଫୁଲ, ଫଳ ସହିତ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯାଇଥିଲା ଓ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ତାହାର ଉଚିତ ଯତ୍ନ ନିଆଯାଉଥିଲା। ତେବେ ଏବେ ସେହି ବୃକ୍ଷ ଗୁଡିକ ଆଜିର ଦିନରେ ବିରାଟ ବିରାଟ ବୃକ୍ଷରେ ପରିଣତ ହୋଇ ଫଳ ପୁଷ୍ପରେ ଭରି ଯିବା ସହିତ ଏହି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବାକୁ ପଥିକଙ୍କୁ ଛାୟା ପ୍ରଦାନ କରୁଛି । ହେଲେ ଖଇରିବଣି ଛକ ନିକଟରେ ଏକ ନୂତନ ପେଟ୍ରୋଲ ପମ୍ପ କିମ୍ବା ସମାନ ଧରଣର ର୍ନିମାଣ କାର୍ଯ୍ୟ ପାଇଁ ରାଜପଥ କଡ଼ରୁ ୫୦ରୁ ଅଧିକ ବୃହ□କାୟ ଗଛ କଟାଯିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଗଛ କାଟିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ ମଧ୍ୟ ଶୁଣି ନଥିଲେ ସେମାନେ, ବରଂ ଗ୍ରାମବାସୀଙ୍କ ସହିତ ଯୁକ୍ତି ବାଢିଥିଲେ କି ଆମେ ଅନୁମତି ପାଇ ଗଛ କାଟିବାକୁ ଆସିଛୁ । ଏମିତିକି ସେମାନେ ପେଟ୍ରୋଲ ସମ୍ମୁଖରେ ଥିବା ଗଛ ଗୁଡିକୁ ତ କାଟିଦେଇଥିଲେ, ତାପରେ ବି ମନ ମାନିନଥିଲା ପେଟ୍ରୋଲ ପମ୍ପ ଠାରୁ ୧୦୦ମିଟର ଦୂରରେ ଥିବା ନୂଆସାହି ଛକ ନିକଟରେ ଥିବା ଏକାଧିକ ଗଛ ମଧ୍ୟ କାଟିଦେଇଥିଲେ, ଯୋଉଠି ଗ୍ରାମବାସୀ ବସକୁ ଅପେକ୍ଷା କରି ଖରା ଦାଉରୁ ରକ୍ଷା ପାଇବା ପାଇଁ ଗଛ ମୂଳେ ଆଶ୍ରୟ



ନେଉଥିଲେକ୍ଷ ଫଳର ପରିବେଶକୁ କ୍ଷତି ପହଞ୍ଚାଇ ରାଜପଥ ପାର୍ଶ୍ୱରୁ ବୃକ୍ଷ କାଟିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପେଟ୍ରୋଲ ପମ୍ପ ର୍ନିମାଣ ଉଦ୍ଦେଶ୍ୟରେ ଏହି ପୁରୁଣା ଏବଂ ସବୁଜ ବୃକ୍ଷଗୁଡ଼ିକୁ କଟାଯାଇଥିବା ଅଭିଯୋଗ ହୋଇଛି। ଏଭଳି ବେଆଇନ ଭାବେ ଗଛ କାଟୁଥିବା ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଅନ୍ୟପଟେ ଜଣେ ପେଟ୍ରୋଲ ପମ୍ପ ମାଲିକଙ୍କୁ ଅନୁକମ୍ପା ଦେଖାଇ କୋଉ ସ୍ୱାର୍ଥ୍ୟରେ ରାସ୍ତା କଡ଼ରେ ଥିବା ବହୁ ବର୍ଷର ପୁରୁଣା ଗଛଗୁଡ଼ିକୁ କାଟି ଦିଆଯାଇଛି ସେ ନେଇ ପରିବେଶ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଏନେଇ ସ୍ଥାନୀୟ ବେତନଟୀ ରେଞ୍ଜର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି କି ପେଟ୍ରୋଲ ପମ୍ପ ମାଲିକଙ୍କ ଆବେଦନକ୍ରମେ ବନବିଭାଗ ଓ ରାଜସ୍ୱବିଭାଗର ନିରୀକ୍ଷଣ ପରେ ଗୋଟେ କର୍ପୋରେଟକୁ ଏହି ଗଛ ଗୁଡିକ କାଟିବାକୁ ଅନୁମତି ଦିଆଯାଇଥିଲା। ତେବେ ସରକାର ବନୀକରଣ ଓ ପରିବେଶ ସୁରକ୍ଷା ଦିଗରେ ଏତେ ବାହାସ୍ଫଟ ମାରୁଥିବାବେଳେ ଏଠି ସାମାନ୍ୟ ଗୋଟେ ପେଟ୍ରୋଲ ପମ୍ପ ର୍ନିମାଣ ପାଇଁ କାହା ସ୍ୱାର୍ଥ୍ୟରେ ଏତେ ଗୁଡିଏ ଗଛ କାଟିବାକୁ ଅନୁମତି ଦିଆଗଲା ତାହା ସାଧାରଣରେ ପ୍ରଶ୍ନବାଚୀ। ଏହିଭଳି ରାଜପଥ ପାର୍ଶ୍ୱରେ ବିଭିନ୍ନ ପ୍ରକଳ୍ପ ର୍ନିମାଣ ପାଇଁ ଲଗାଯାଇଥିବା ଗଛ ଗୁଡିକୁ କଟାଗଲେ ଆଗାମୀ ଦିନରେ ପାରବେଶ ପାଇଁ ବଡ଼ ବିପଦ ସୃଷ୍ଟି କରିବ।

# ଦେଶରେ କାର୍ଯ୍ୟକାରୀ ହେଲା ନୂଆ ଶ୍ରମ କୋଡ୍
## ସାପ୍ତାହିକ କାର୍ଯ୍ୟ ସମୟ ୪୮ ଘଣ୍ଟା



ନୂଆଦିଲ୍ଲୀ: କାର୍ଯ୍ୟ ସମୟକୁ ନେଇ ବିତର୍କ ଚାଲିଥିବା ଭିତରେ କେନ୍ଦ୍ର ସରକାର ନୂଆ ଶ୍ରମ କୋଡ୍‌ରେ ସାପ୍ତାହିକ କାର୍ଯ୍ୟ ସମୟକୁ ୪୮ ଘଣ୍ଟାରେ ସୀମିତ ରଖିଛନ୍ତି। ଏହାଠାରୁ ଅଧିକ ସମୟ କାର୍ଯ୍ୟ କଲେ କର୍ମଚାରୀମାନଙ୍କୁ ଘଣ୍ଟାପିଛା ଧାର୍ଯ୍ୟ ମଜୁରିର ଦୁଇଗୁଣା ରାଶି ଦେବାକୁ ପଡ଼ିବ। ନୂଆ ଶ୍ରମ କୋଡ୍ ଅଧୀନରେ ଅଂଶୀଦାରମାନଙ୍କ ମତମତା ସଂଗ୍ରହ ପାଇଁ ଚିଠା ନିୟମ ପ୍ରକାଶ ପାଇବାର ପ୍ରାୟ ୪ ମାସ ପରେ କେନ୍ଦ୍ର ସରକାର ଶୁକ୍ରବାର ଚୂଡ଼ାନ୍ତ ନିୟମ ଜାରି କରିଛନ୍ତି। ସଂପୃକ୍ତ କୋଡ୍ ସଂକ୍ରାନ୍ତ ନିୟମର ବିଜ୍ଞପ୍ତି ଜାରି ହେବା ଫଳରେ ଦେଶରେ ପ୍ରଚଳିତ ୨୯ଟି ଶ୍ରମ ନିୟମକୁ ବ୍ୟବସ୍ଥିତ କରିବା ପାଇଁ ୫ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ପଦକ୍ଷେପ ସଂପୂର୍ଣ୍ଣ ହୋଇଛି।

ସେହି ୪ଟି କୋଡ୍ ହେଲା ମଜୁରି କୋଡ୍ ୨୦୧୯, ଶିଳ୍ପ ସଂପର୍କ କୋଡ୍ ୨୦୨୦, ସାମାଜିକ ସୁରକ୍ଷା କୋଡ୍ ୨୦୨୦ ଏବଂ ବୃତ୍ତି ସଂପର୍କିତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାମ କରିବାର ସ୍ଥିତି କୋଡ୍ ୨୦୨୦। ନୂଆ ଶ୍ରମ କୋଡ୍ ଗତବର୍ଷ ଆଇନରେ ପରିଣତ ହୋଇଥିଲା। କିନ୍ତୁ କୋଡ୍ ଅଧୀନରେ ବିସ୍ତୃତ ନିୟମ ପଡ଼ି ରହିଥିବାରୁ ସରକାର ଶ୍ରମ କୋଡ୍‌କୁ ସଂପୂର୍ଣ୍ଣ କାର୍ଯ୍ୟକାରୀ କରିପାରି ନଥିଲେ। କିନ୍ତୁ ଏବେ ୪ଟି ଯାକ ଶ୍ରମ କୋଡ୍ ଅଧୀନ ନିୟମ ଅଫିସିଆଲ ଗେଜେଟ୍‌ରେ ପ୍ରକାଶ ପାଇଛି। ତେଣୁ ନୂଆ ଶ୍ରମ କୋଡ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ୨୦୨୫ ଡିସେମ୍ବର ୩୦ରେ ପ୍ରଥମେ ଚିଠା ନିୟମ ପ୍ରକାଶ ପାଇଥିଲା। ଆଇନ ବିଭାଗର ସମ୍ମତି ଏବଂ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି ପୂର୍ବରୁ ଅଂଶୀଦାରମାନଙ୍କ ଠାରୁ ମତାମତ ଲୋଡ଼ାଯାଇଥିଲା।। ଶ୍ରମ ଆଇନ ସମ୍ବିଧାନର ମିଳିତ ତାଲିକାରେ ଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ବିଜ୍ଞପ୍ତି ଜାରି କରିବାକୁ ହେବ। ନୂଆ ଶ୍ରମ କୋଡ୍‌ରେ ନିଯୁକ୍ତିପତ୍ର ଦେବାକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ୪୦ ଓ ତା'ଠାରୁ ଅଧିକ ବୟସର କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ ଏବଂ ସମାନ କାମକୁ ସମାନ ଦରମା ସହିତ ବିଭିନ୍ନ ସିଫ୍‌ଟରେ ମହିଳା କର୍ମଚାରୀମାନଙ୍କୁ ସୁଯୋଗ ଦେବାର ବ୍ୟବସ୍ଥା ରହିଛି। ଯେଉଁ କର୍ମଚାରୀମାନେ ଚାକିରି ହରାଉଛନ୍ତି ଏବଂ ସେମାନଙ୍କୁ ପୁନର୍ବାର ତାଲିମ ଦେବାର ଆବଶ୍ୟକତା ରହିଛି ସେମାନଙ୍କ ପାଇଁ ଏକ ଜାତୀୟ ପୁନଃଦକ୍ଷତା ପାଣ୍ଠି ସୃଷ୍ଟିକୁ ବାଧ୍ୟତାମୂଳକ କରାଯାଇଛି।

ସୂଚନା ଅନୁଯାୟୀ, ମଜୁରି କୋଡ୍ ଅଧୀନ ନିୟମରେ କେନ୍ଦ୍ର ସରକାରଙ୍କୁ ଜାତୀୟସ୍ତରରେ ସର୍ବନିମ୍ନ ମଜୁରି ଧାର୍ଯ୍ୟ କ୍ଷମତା ଦିଆଯାଇଛି। ଏଥିସହିତ ଠିକା କର୍ମଚାରୀମାନଙ୍କୁ ବେତନ ପ୍ରଦାନ କରା ନଯିବା ପ୍ରସଙ୍ଗରେ ଠିକାଦାରଙ୍କୁ ଉତ୍ତରଦାୟୀ କରିବା ପରିବର୍ତ୍ତେ ମୁଖ୍ୟ ନିଯୁକ୍ତିଦାତାଙ୍କୁ ଉତ୍ତରଦାୟୀ କରିବା ବ୍ୟବସ୍ଥା ରହିଛି। ଏଥିସହିତ ବର୍ଷକୁ ଦୁଇଥର ପରିବର୍ତ୍ତିତ ମହଙ୍ଗା ଭତ୍ତା ନିଶ୍ଚିତ ସଂଶୋଧନ କରାଯିବାର ବ୍ୟବସ୍ଥା ରହିଛି। ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଖାଉଟି ମୂଲ୍ୟ ସୂଚୀ ଆଧାରରେ ଏହା କରାଯିବ।

# ତାମିଲନାଡୁରେ 'ବିଜୟ' ସରକାର, ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ



ତାମିଲନାଡୁ : ତାମିଲନାଡୁରେ ବିଜୟଙ୍କ ଯୁଗ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଥାଲପତି ବିଜୟ । ୧୯୭୬ ପରେ ପ୍ରଥମ ଅଣଦ୍ରାବିଡ ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ । ପଦ ଓ ଗୋପନୀୟତାର ଶପଥ ପାଠ କରାଇଲେ ରାଜ୍ୟପାଳ । ଉପସ୍ଥିତ ଅଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ଚେନ୍ନାଇ ନେହେରୁ ଷ୍ଟାଡିୟମରେ ଆୟୋଜିତ ଏହି ଐତିହାସିକ ଶପଥ ସମାରୋହ ହୋଇଛି । ବିଜୟଙ୍କ ଦଳକୁ ମିଳିଲା ସମ୍ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା । ୧୩ ତାରିଖ ସୁଦ୍ଧା ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ପଡ଼ିବ ବୋଲି ଲୋକଭବନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି । ରାଜ୍ୟପାଳ ଟିଭିକେକୁ ସରକାର ଗଠନ ଅନୁମତି ଦେଇଛନ୍ତି । ଅନ୍ୟପଟେ ବିଜୟଙ୍କ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ହୋଇଛି । ବିଜୟଙ୍କ ସହ ଟିଭିକେ ର ୯ ବିଧାୟକ ମନ୍ତ୍ରୀ ଭାବେ ନେଲେ ଶପଥ । ମନ୍ତ୍ରୀ ଭାବେ ଶପଥ ନେଲେ ଏନ . ଆନନ୍ଦ ଓ ଅଦାବ ଅର୍ଜୁନ । ଟିଭିକେ ମହାସଚିବ କେ.ଜି ଅରୁଣରାଜ ମନ୍ତ୍ରୀ ଭାବେ ଶପଥ ନେଲେ । ଅଭିଜ୍ଞ କେ.ଏ ସେଙ୍ଗୋଟେୟନ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଲେ । ଥିରୁ ଭେଙ୍କଟରମଣନ, ନିର୍ମଳ କୁମାର, ରାଜମୋହନ, ଟିକେ ପ୍ରଭୁ ନେଲେ ଶପଥ । ଏକମାତ୍ର ମହିଳା ମନ୍ତ୍ରୀ ଭାବେ ଶପଥ ନେଲେ ସେଲଭି ଏସ୍. କୀର୍ତ୍ତନା ।

# ନେପାଳରେ ଭୂକମ୍ପ ଝଟକା

ନେପାଳ : ଆଜି ନେପାଳର ପାର୍ବତ୍ୟାଞ୍ଚଳ ଜିଲ୍ଲା ଦାର୍ଚୁଲାରେ ଭୂମିକମ୍ପ ଝଟକା । ଯାହାର ତୀବ୍ରତା ୪.୧ ଥିବା ଜଣାପଡିଛି । ଆଜି ସକାଳ ପ୍ରାୟ ୧୧ଟା ୫୫ ମିନିଟ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ଦାର୍ଚୁଲା ଜିଲ୍ଲାର ତପୋଭାନ ଅଞ୍ଚଳରେ ଭୂମିଗର୍ଭରେ ଅବସ୍ଥିତ ଥିଲା। ଭୂମିକମ୍ପ ଅନୁଭୂତ ହେବା ମାତ୍ରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଖେଳିଯାଇଥିଲା ଏବଂ ସତର୍କତା ସ୍ୱରୂପ ଅନେକ ଲୋକ ଘରୁ ବାହାରକୁ ବାହାରି ଆସିଥିଲେ । ସୂଚନାଯୋଗ୍ୟ, ଗତମାସରେ ୪.୧ ତୀବ୍ରତାର ଭୂକମ୍ପ ଲଦାଖରେ ଅନୁଭୂତ ହୋଇଥିଲା । ଯାହା ପ୍ରାୟ ୩ଟା ୫୪ ମିନିଟରେ ଲଦାଖ ଲେହରେ ଏହାର ଝଟକା ଲାଗିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୧୫୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିବା ଘଉଝ ପକ୍ଷରୁ ସୂଚନା ମିଳିଥିଲା ।

# ହୁଗଲିରେ ଟିଏମସି ନେତା ସହଦେବ ବାଗଙ୍କୁ ହତ୍ୟା, ଖେଜୁରିରେ ବହୁ ଦୋକାନ ପୋଡ଼ି

କୋଲକାତା: ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ସମସ୍ତଙ୍କୁ ଚକିତ କରିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ସାଧାରଣ ଲୋକମାନେ ଆତଙ୍କରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏବେ ଟିଏମସି ନେତା ସହଦେବ ବାଗଙ୍କ ହତ୍ୟା ପରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି। ହୁଗଲିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗ୍ ?ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ, ସହଦେବ ଶନିବାର ରାତିରୁ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ମୃତଦେହର ଅବସ୍ଥା ସ୍ପଷ୍ଟ ଭାବରେ ସୂଚାଇ ଦେଉଥିଲା ଯେ, ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ତାଙ୍କ ମୁହଁ ଏବଂ ନାକରେ ଗୁରୁତର ଆଘାତ ମିଳିଥିଲା। ଘଟଣା ପରେ, ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ପୁଲିସ ମୃତଦେହ ନିକଟରୁ ଏକ ଗଦା ମଧ୍ୟ ଉଦ୍ଧାର କରିଛି, ଯାହାକୁ ହତ୍ୟା ଅସ୍ତ୍ର ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ମୃତ ସହଦେବ ବାଗଙ୍କ ସ୍ତ୍ରୀ ଛେନା ବାଗ ନାକୁଣ୍ଡା ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟ। ସେ ପୁଲିସକୁ କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗତକାଲି ରାତିରେ ଘରୁ ବାହାରି ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ। ଛେନା ବାଗ ଅଭିଯୋଗ କରିଛନ୍ତି ଯେ, ମେ' ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦିଆଯାଉଛି। ପରିବାର ପକ୍ଷରୁ ଦୃଢ଼ ଅଭିଯୋଗ କରାଯାଇଛି, ଏହା ଏକ ରାଜନୈତିକ ହତ୍ୟା ଏବଂ ଏହା ପଛରେ ବିଜେପି ସମର୍ଥକମାନଙ୍କର ହାତ ଅଛି। ହିଂସାର ନିଆଁ କେବଳ ହୁଗଳି ପର୍ଯ୍ୟନ୍ତ ସୀମିତ ନାହିଁ। ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି। ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଲି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ କିଛି ଦୁର୍ବୃତ୍ତ ବଜାର ଉପରେ ଯୋଜନାବଦ୍ଧ ଆକ୍ରମଣ କରି କିଛି ସମୟ ମଧ୍ୟରେ ବହୁ ଦୋକାନ ପୋଡ଼ି ଦେଇଥିଲେ। ଏହି ଘଟଣାରେ, ଅନେକ ଲୋକଙ୍କ ଜୀବିକା ମୁହୂର୍ତ୍ତକ ମଧ୍ୟରେ ନଷ୍ଟ ହୋଇଯାଇଛି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଆକ୍ରମଣ ଏତେ ହଠାତ୍ ହୋଇଥିଲା ଯେ କାହାରିକୁ କିଛି ହେବାର ସୁଯୋଗ ମିଳି ନଥିଲା। ପୁଲିସ ଏବେ ଅଞ୍ଚଳରେ ଥିବା ସିସିଟିଭି କ୍ୟାମେରା ଏବଂ ଲୋକଙ୍କ ବୟାନ ଆଧାରରେ ଅପରାଧୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି।

# ୧୦କିଲୋର କଦଳୀ ଖୁଆଇ ଅଭିଯୁକ୍ତ ପେଟରୁ ଲକର ଚାବି ବାହାର କଲା ପୁଲିସ



ବେଙ୍ଗାଲୁରୁ: ବେଙ୍ଗାଲୁରୁରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ସମଗ୍ର ଦେଶରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଏକ ନାବାଳିକା ନିଖୋଜ ଓ ଚୋରି ମାମଲାର ତଦନ୍ତ ସମୟରେ ଜଣେ ଅଭିଯୁକ୍ତ ପୁଲିସ ଷ୍ଟେସନରେ ହଠାତ୍ ଲକର ଚାବି ଗିଳି ଦେଇଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ପୋକ୍ସୋ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚେତାବନୀ ଶୁଣିବା ପରେ ଏହି ଘଟଣା ଘଟିଥିଲା, ଯାହା ପୁଲିସ ଷ୍ଟେସନରେ ଅସାଧାରଣ ଉତ୍ତେଜନା ସୃଷ୍ଟି କରିଥିଲା।

ପୁଲିସ ରିପୋର୍ଟ ଅନୁଯାୟୀ, ଏହି ଘଟଣା ବେଙ୍ଗାଲୁରୁର ମଦନାୟକାନାହଲ୍ଲୀ ଥାନାରେ ଘଟିଥିଲା। ଏପ୍ରିଲ ୨୪ ତାରିଖରେ ଏକ ନାବାଳିକା ଝିଅ ନିଖୋଜ ହେବା ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଟାୱାର ଲୋକେସନ ଟ୍ରାକ କରି ପୁଲିସ କାର୍ତ୍ତିକ ଓରଫ୍ ରାମୁ ନାମକ ଯୁବକକୁ ଚିହ୍ନଟ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ତା ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ଗଭୀର ଅଭିଯୋଗ ରୁଜୁ ହୋଇପାରେ ବୋଲି ସତର୍କ କରାଯାଇଥିଲା।

ଏହି ଚେତାବନୀ ଶୁଣିବା ପରେ ଅଭିଯୁକ୍ତ ହଠାତ୍ ଭୟଭୀତ ହୋଇ ପୁଲିସ ଷ୍ଟେସନରେ ରହିଥିବା ଲକର ଚାବି ଗିଳିଦେଇଥିଲା। ଏହି ଅପ୍ରତ୍ୟାଶିତ ଘଟଣାରେ ପୁଲିସ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ତୁରନ୍ତ ଅଭିଯୁକ୍ତକୁ ନେଇ ଏକ ନିଜସ୍ୱ ହସ୍ପିଟାଲରେ ଚିକିତ୍ସା ଆରମ୍ଭ କରାଯାଇଥିଲେ। ତିନି ଦିନ ଧରି ପୁଲିସ ସୁରକ୍ଷାରେ ଚିକିତ୍ସା ଚାଲିଥିଲା ଏବଂ ଡାକ୍ତରମାନେ ଚାବିଟି ସ୍ୱାଭାବିକ ଭାବେ ବାହାରିଯିବ ବୋଲି ଆଶା କରୁଥିଲେ। ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟଜନକ ଅଂଶ ହେଉଛି ଅଭିଯୁକ୍ତକୁ ପ୍ରାୟ ୧୦ କିଲୋଗ୍ରାମ କଦଳୀ ଖୁଆଇବା ପରେ ଚାବିଟିକୁ ଶରୀରରୁ ବାହାର କରାଯାଇଥିଲା। ଚିକିତ୍ସକ ଓ ପୁଲିସର ନିରୀକ୍ଷଣରେ ବିଳମ୍ବିତ ରାତିରେ ଚାବିଟି ମଳତ୍ୟାଗ ମାଧ୍ୟମରେ ବାହାରକୁ ଆସିଥିଲା। ପୁଲିସ ଦ୍ୱାରା ଚାବି ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ, ଏହି ସମ୍ପୂର୍ଣ୍ଣ ଘଟଣାଟି ସୋସିଆଲ ମିଡିଆରେ ଆଲୋଚନାର ବିଷୟ ପାଲଟିଛି ।

# ମିଆମିରେ ବୋଟ୍ ବିସ୍ଫୋରଣ, ୧୧ ଆହତ

ଆମେରିକା : ଆମେରିକାର ଫ୍ଲୋରିଡାରେ ମିଆମି ବିଚ୍ ନିକଟରେ ଥିବା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ହାଉଲୋଭର ସ୍ୟାଣ୍ଡବାରରେ ବୋଟ୍ ବିସ୍ଫୋରଣ ହୋଇଛି । ଡଙ୍ଗାରୁ ଗ୍ୟାସ୍ ଲିକ୍ ହେବା ପରେ ବିସ୍ଫୋରଣ ଘଟିଥିବା ଜଣାପଡିଛି । ସୂଚନାନୁଯାୟୀ, ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ହାଉଲୋଭର ସ୍ୟାଣ୍ଡବାରରେ ଏକ ବୋଟ୍ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଯୋଗୁଁ ସେଠାରେ ଥିବା ଲୋକଙ୍କ ମଧ୍ୟରେ ବ୍ୟାପକ ଆତଙ୍କ ଖେଳିଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ପୋଲିସ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଭୟଙ୍କର ବିସ୍ଫୋରଣରେ ୧୧ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ବୋଟ୍ ଭିତରେ ହଠାତ୍ ଗ୍ୟାସ୍ ଲିକ୍ ହେବା ଯୋଗୁଁ ଏହି ବଡ଼ ବିସ୍ଫୋରଣ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ତେବେ ଦୁର୍ଘଟଣାର ସଠିକ୍ କାରଣ ଜାଣିବା ପାଇଁ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି ।

# ବିଶ୍ୱର ୯ ହଜାର ବିଶ୍ୱବିଦ୍ୟାଳୟ ଉପରେ ସାଇବର ଆକ୍ରମଣ

ୱାସିଂଟନ: ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ବିଶ୍ୱର ପ୍ରାୟ ୯ ହଜାର ପ୍ରମୁଖ ଶିକ୍ଷାନୁଷ୍ଠାନ ଏକ ବଡ଼ ସାଇବର ଆକ୍ରମଣର ଶିକାର ହୋଇଛନ୍ତି। କାନଭାସ୍ ଲର୍ଣ୍ଣିଂ ପ୍ଲାଟଫର୍ମକୁ ଟାର୍ଗେଟ କରି, ହ୍ୟାକର ଗୋଷ୍ଠୀ ସାଇନିହଣ୍ଟର୍ସ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ହଠାତ୍ ଆକ୍ରମଣ ଫାଇନାଲ ପରୀକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି କରିଛି। ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ଏବଂ ଭୟ ସୃଷ୍ଟି କରିଛି। ଏହି ବଡ଼ ସାଇବର ଆକ୍ରମଣ ପାଇଁ ସାଇନିହଣ୍ଟର୍ସ ନାମକ ଏକ ହ୍ୟାକର ଗୋଷ୍ଠୀ ଆନୁଷ୍ଠାନିକ ଭାବରେ ନିଜକୁ ଦାୟୀ କରିଛି। ହ୍ୟାକରମାନେ ସିଷ୍ଟମକୁ ଭାଙ୍ଗି ଅନେକ ଛାତ୍ରଛାତ୍ରୀଙ୍କ କମ୍ପ୍ୟୁଟର ସ୍କ୍ରିନକୁ ବିଟକଏନ୍‌ର ମୋଟା ଅଙ୍କର ଟଙ୍କା ଦାବି କରି ମେସେଜ୍ ପଠାଇଥିଲେ। ଏହି ମେସେଜଗୁଡ଼ିକରେ ସ୍ପଷ୍ଟ ଭାବରେ ଚେତାବନୀ ଦିଆଯାଇଥିଲା ଯେ, ଯଦି ଦେୟ ପ୍ରଦାନ କରା ନ ଯାଏ, ତେବେ ସମସ୍ତ ଚୋରି ହୋଇଥିବା ତଥ୍ୟ ସାର୍ବଜନୀନ କରାଯିବ। ଏହି ଭୟଙ୍କର ପରିସ୍ଥିତି ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ତୁରନ୍ତ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଫାଇନାଲ୍ ପରୀକ୍ଷା ସ୍ଥଗିତ ରଖିବାକୁ ବାଧ୍ୟ କରିଛି। ଆମେରିକାର ମିସିସିପି ଷ୍ଟେଟ୍ ୟୁନିଭରସିଟିକୁ ଶୁକ୍ରବାର ହେବାକୁ ଥିବା ଚୂଡ଼ାନ୍ତ ପରୀକ୍ଷାକୁ ତୁରନ୍ତ ବାତିଲ କରିବାକୁ ପଡିଛି। ପାଣିପାଗ ବିଜ୍ଞାନ ଛାତ୍ରୀ ଅବ୍ରେ ପାଲମର କହିଛନ୍ତି ଯେ, ସେ ତାଙ୍କର ୨,୯୦୦ଶବ୍ଦ ବିଶିଷ୍ଟ ପରୀକ୍ଷା ପ୍ରବନ୍ଧ ଶେଷ କରିଥିଲେ, ହଠାତ୍ ତାଙ୍କ କମ୍ପ୍ୟୁଟର ସ୍କ୍ରିନରେ ହ୍ୟାକର୍ସଙ୍କ ପକ୍ଷରୁ ମୁକ୍ତି ଦାବି କରୁଥିବା ଏକ ଧମକପୂର୍ଣ୍ଣ ବିଟକଏନ୍ ବାର୍ତ୍ତା ଦେଖାଯାଇଥିଲା । ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ସିଡନୀ ବିଶ୍ୱବିଦ୍ୟାଳୟ ଏହାର ଛାତ୍ରଛାତ୍ରୀମାନଙ୍କୁ କାନଭାସ୍ ?ରେ ଲଗଇନ୍ ନ କରିବାକୁ ଏକ କଠୋର ଚେତାବନୀ ଜାରି କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସେମିଷ୍ଟର ସମୟରେ ହୋଇଥିବା ବାଧାକୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏକ ଗୁରୁତ୍ୱପୂର୍ଣ୍ଣ ଅସୁବିଧା ଭାବରେ ସ୍ୱୀକାର କରିଛି। ଆମେରିକାରେ, ଆଇଡାହୋ ଷ୍ଟେଟ୍ ୟୁନିଭର୍ସିଟି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅପରାହ୍ନ ପରୀକ୍ଷା ବାତିଲ କରିଛି।

# ହାନ୍ତା ଭାଇରସ୍: ଅଙ୍ଗପ୍ରତ୍ୟଙ୍ଗକୁ ଶୀଘ୍ର ଅକାମୀ କରିଦିଏ

ନୂଆଦିଲ୍ଲୀ :'ଏମ୍‌ଭି ହୋଣ୍ଡିଅସ୍' ନାମକ ଏକ ବିଳାସପୂର୍ଣ୍ଣ ପର୍ଯ୍ୟଟନ ଜାହାଜରେ ହାନ୍ତା ଭାଇରସ୍ ସଂକ୍ରମଣର ଖବର ସାରା ବିଶ୍ୱରେ ଚିନ୍ତା ବଢ଼ାଇଛି। ଡାକ୍ତରମାନଙ୍କ କହିବା ଅନୁଯାୟୀ, ଏହି ଭାଇରସ୍ କୋଭିଡ-୧୯ ପରି ସଂକ୍ରାମକ ନ ହେଲେ ମଧ୍ୟ ଏହା ଶରୀରର ମୁଖ୍ୟ ଅଙ୍ଗ ଯଥା ଫୁସଫୁସ୍ ଓ କିଡ୍‌ନୀ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଫୋର୍ଟିସ ମେମୋରିଆଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ବରିଷ୍ଠ ବିଶେଷଜ୍ଞ ଡାକ୍ତର ନେହା ରାସ୍ତୋଗୀଙ୍କ ଅନୁଯାୟୀ, ଏହି ଭାଇରସ୍ ମୁଖ୍ୟତଃ ମୂଷାଙ୍କ ଦ୍ୱାରା ବ୍ୟାପିଥାଏ। ସଂକ୍ରମିତ ମୂଷାଙ୍କ ପରିସ୍ରା, ଲାଳ କିମ୍ବା ମଳର ସଂସ୍ପର୍ଶରେ ଆସିଲେ ବା ଏହାର କଣିକା ଶ୍ୱାସକ୍ରିୟା ମାଧ୍ୟମରେ ଶରୀର ଭିତରକୁ ଗଲେ ମଣିଷ ସଂକ୍ରମିତ ହୋଇଥାଏ। ଏହି ଭାଇରସ୍ ରକ୍ତବାହୀ ନଳୀର କୋଷଗୁଡ଼ିକୁ ଆକ୍ରମଣ କରିଥାଏ, ଫଳରେ ରକ୍ତବାହୀ ନଳୀରୁ ତରଳ ପଦାର୍ଥ ଲିକ୍ ହୋଇ ଶରୀରର ବିଭିନ୍ନ ଅଙ୍ଗରେ ଜମିବାକୁ ଲାଗେ। ଏହାର ଦୁଇଟି ମୁଖ୍ୟ ରୂପ ଦେଖାଯାଏ।

# ଉପସାଗରୀୟ ସଙ୍କଟରେ ଫସି ରହିଛନ୍ତି ୨୦ ହଜାରରୁ ଅଧିକ ଭାରତୀୟ ନାବିକ
## ଜରୁରୀକାଳୀନ ପଦକ୍ଷେପ ଆରମ୍ଭ କଲା ଏନ୍‌ୟୁଏସ୍‌ଆଇ



ନୂଆଦିଲ୍ଲୀ: ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୨୦ ହଜାରରୁ ଅଧିକ ଭାରତୀୟ ନାବିକ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନ୍ୟାସନାଲ ୟୁନିଅନ୍ ଅଫ୍ ସିଫେରର୍ସ ଅଫ୍ ଇଣ୍ଡିଆ (ଏନ୍‌ୟୁଏସ୍‌ଆଇ) ଚେତାବନୀ ଦେଇଛି ଯେ, ସଂଘର୍ଷ ବୃଦ୍ଧି ପାଇବାର ସ୍ଥିତିରେ, ଜାହାଜରେ ନିୟୋଜିତ ଭାରତୀୟ ନାବିକମାନେ ଖାଦ୍ୟ, ଔଷଧ ଏବଂ ସୁରକ୍ଷିତ ସ୍ଥାନାନ୍ତର ବିନା ଫସି ରହିଛନ୍ତି। ଏହି ପରିସ୍ଥିତିକୁ ଜାତୀୟ ପ୍ରାଥମିକତା ଭାବରେ ବିଚାର କରି ତୁରନ୍ତ ନାବିକମାନଙ୍କୁ ସେଠାରୁ ସ୍ଥାନାନ୍ତର କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଦାବି କରିଛି। ସଂଗଠନ ଅନୁଯାୟୀ, ଉପସାଗର ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ନାବିକମାନେ ନିରନ୍ତର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ, ସାଇବର ବିପଦ ଏବଂ ସୁରକ୍ଷା ପ୍ରତିବନ୍ଧକ ମଧ୍ୟରେ କାମ କରୁଛନ୍ତି, ଯାହା ସେମାନଙ୍କର ମାନସିକ ଚାପ ଏବଂ ଭୟକୁ ବୃଦ୍ଧି କରୁଛି। ଏନ୍‌ୟୁଏସ୍‌ଆଇ ସାଧାରଣ ସମ୍ପାଦକ ମିଲିନ୍ଦ କାଣ୍ଡଲଗାଓଁକର କହିଛନ୍ତି ଯେ, ନାବିକମାନଙ୍କ ପରିବାର ସେମାନଙ୍କ ସୁରକ୍ଷା ପାଇଁ ନିରନ୍ତର ଚିନ୍ତିତ। ସେମାନେ ସଂଗଠନକୁ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ବିଦେଶୀ ପତାକା ଜାହାଜରେ କାମ କରୁଥିବା ଭାରତୀୟ ନାବିକମାନଙ୍କ ସୁରକ୍ଷା ପାଇଁ ଦାୟିତ୍ୱକୁ ବହୁସଂଖ୍ୟକ ଏଜେନ୍ସି ମଧ୍ୟରେ ବିଭାଜିତ କରିବା ଦ୍ୱାରା ପରିସ୍ଥିତି ଆହୁରି ଜଟିଳ ହୋଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ବାଣିଜ୍ୟ ଜାହାଜ ନାବିକମାନେ ହେଉଛନ୍ତି ବେସାମରିକ କର୍ମଚାରୀ ଯେଉଁମାନେ ସୀମିତ ସୁରକ୍ଷା ସତ୍ତ୍ୱେ ବିଶ୍ୱ ବାଣିଜ୍ୟକୁ ସୁଗମ ରଖିବାରେ ସାହାଯ୍ୟ କରିଥାନ୍ତି। ନାବିକମାନେ ଅତ୍ୟନ୍ତ କଠିନ ପରିସ୍ଥିତିରେ ବିଶ୍ୱ ବାଣିଜ୍ୟ ତଥା ଭାରତର ଅର୍ଥନୈତିକ ସୁରକ୍ଷା ସେବା କରିଥାନ୍ତି। ସେମାନଙ୍କୁ ତୁରନ୍ତ ସୁରକ୍ଷା ଆବଶ୍ୟକ ବୋଲି ସମୁଦ୍ରରେ ପ୍ରାୟ ଦୁଇ ଦଶନ୍ଧି ବିତାଇଥିବା କାଣ୍ଡଲଗାଓଁକର ଦାବି କରିଛନ୍ତି। ସେମାନଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ଦରମା ଏବଂ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସହିତ ଜଡିତ ସଙ୍କଟକାଳୀନ ପ୍ରତିକ୍ରିୟା ପାଇଁ ଏନ୍‌ୟୁଏସ୍‌ଆଇ ଏହାର ଜରୁରୀକାଳୀନ ସହାୟତା ପଦକ୍ଷେପକୁ ସକ୍ରିୟ କରିଛି। ଭାରତୀୟ ସାମୁଦ୍ରିକ ସ୍ୱାର୍ଥ ଏବଂ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତ 'ଅପରେସନ୍ ଉର୍ଜା ସୁରକ୍ଷା' ଅଧୀନରେ ଉପସାଗରୀୟ ଅଞ୍ଚଳରେ ଏହାର ନୌସେନା ପର୍ଯ୍ୟବେକ୍ଷଣ ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି।

